ଅଗଷ୍ଟ
ବିଶେଷାଙ୍କ-୨୦୧୯

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

www.hirranmayi.com

ଅଗଷ୍ଟ ବିଶେଷାଙ୍କ-୨୦୧୯

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହିରଣ୍ମୟୀ - " ଅଗଷ୍ଟ - ବିଶେଷାଙ୍କ " (ଅଗଷ୍ଟ - ୨୦୧୯) ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :


ମାତୃଭୂମି
ସ୍ୱଭାବ କବି ଗଙ୍ଗାଧର ମେହେର


ବନ୍ଦେମାତରଂ / ପତାକା ସଙ୍ଗୀତ
ଜାତୀୟକବି ବାଞ୍ଛାନିଧି ମହାନ୍ତି

ଭାରତମାତା
ଉତ୍କଳ ଭାରତୀ କୁନ୍ତଳା କୁମାରୀ

ଭାରତ ବିଶ୍ୱବନ୍ଦିତା
ରମେଶ ଚନ୍ଦ୍ର ପସାଏତ୍

ନୀରବ ଆଜି ସଂଗ୍ରାମୀ ବାଜୀ
ରତିକାନ୍ତ ଦୁବେ

ମୋ ଦେଶ ଭାରତବର୍ଷ
ସୁଷମା ପରିଜା

ଚାଖି ଯେ ସ୍ୱାଧୀନ ମଜା
ସୁଦ୍ରୁମା ପଣ୍ଡା

ଗଣତନ୍ତ୍ର
ପ୍ରସନ୍ନ କୁମାର ମାଦଳା

ଜାଗରେ ଭାରତବାସୀ
ଡକ୍ତର କୃତ୍ତିବାସ ନାୟକ

ଆମେ ଭାରତୀୟ
ମୁରାରୀ ପ୍ରସାଦ ପସାଏତ୍

ଆମ ଭାରତ
ଡକ୍ଟର ସଚ୍ଚିଦାନନ୍ଦ କର

ସ୍ୱାଧୀନତା ପରେ ପରେ
ବାଉରୀବନ୍ଧୁ ଲେଙ୍କା

ଏ ମାଟିକୁ କରେ ପ୍ରଣାମ
ପ୍ରତିଭା ପରିଜା

କେତେ ଦିନ ଆଉ
କସ୍ତୁରୀ ଚରଣ ରାଉତ

ଏ ମୋ ଭାରତବର୍ଷ
ବୀଣାପାଣି ରାଏଗୁରୁ

ଦେଶପ୍ରେମ
ଜୟଶ୍ରୀ ପଟ୍ଟନାୟକ

ତ୍ରିରଙ୍ଗା ଦିବସ
କମଳିନୀ ଦେବୀ

ସ୍ୱାଧୀନତା
ଡକ୍ଟର ଆଲୋକ କୁମାର ରାଏ

ବନ୍ଦେ ,ଭବ୍ୟା ଭାରତୀ ଭାରତ
ସୁବାଷ ଚନ୍ଦ୍ର ପଣ୍ଡା

ସ୍ୱାଧୀନତା ଏଇ ସ୍ୱାଧୀନତା
ପୁଷ୍ପିତା ଦାଶ


ମା ମାଗେନାହିଁ ଲୁହ
ତ୍ରିଲୋଚନ ପଣ୍ଡା

ମା - ମାଟି -କଥା
ପ୍ରଭାତ କୁମାର ନାୟକ

ଏଇ ତ୍ରିରଙ୍ଗା ପତାକା ତଳେ
ବନ୍ଦିତା କର

ଆସରେ ପିଲାଏ .. ଗଢ଼ିବା ଦେଶ
(ଶିଶୁ କବିତା)
ଅମ୍ବିକା ସ୍ୱାଇଁ

ଶୁଣ ମୋର ଦେଶବାସୀ ମୋ ଭାଇ ଭଉଣୀ (ଶିଶୁ କବିତା)
ପ୍ରିୟଦର୍ଶିନୀ ମହାରଣା

ଏ ସମ୍ପର୍କ ଲିଭିବାର ନୁହେଁ
ପ୍ରଭାସିନୀ ହୋତା

ସ୍ୱାଧୀନତା ଦିବସ : ଏପାଖ - ସେପାଖ
ରଶ୍ମିତା ଦୀକ୍ଷିତ

ଜୟ ଭାରତମାତା
ଅନିତା ପାଣି

ସ୍ୱାଧୀନତା ବନାମ ଅରାଜକତା
ଡମ୍ବୁରଧର ବାଗ

ବନ୍ଦେ ମାତରଂ
ସରୋଜିନୀ ଦାସ

ମୋ ଦେଶ
ରାଜଲକ୍ଷ୍ମୀ ତ୍ରିପାଠୀ

କାହିଁକି ଭାବୁଛ ନିଃସ୍ୱ ମତେ
ମନୋରମା ମିଶ୍ର

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମାତୃଭୂମି

ସ୍ଵଭାବ କବି ଗଙ୍ଗାଧର ମେହେର

ଯେ କାଳେ ବାଳକ ବୁଲି ଯାଇପାରେ
ପଡୋଶି ମାନଙ୍କ ଘର,
ସେ କାଳେ ଜାଣଇ ଅନ୍ୟ ଘରସବୁ
ତା' ସଙ୍ଗୀ ବାଳକଙ୍କର ।

ପରେ ଯେତେବେଳେ ଆପଣା ପଡ଼ାରୁ
ଅନ୍ୟ ପଡ଼ା ବୁଲିଯାଏ,
ସେହି ସମୟରେ ପଡ଼ୋଶୀ ପଡ଼ାକୁ
ଆପଣାର ମଣିଥାଏ ।

ଅନ୍ୟ ଗ୍ରାମେ ପୁଣି ଯାଏ ଯେବେ ନିଜ
ଗ୍ରାମରୁ ହୋଇ ବାହାର,
ସେ କାଳେ ଜାଣଇ ନିଜ ଘର ଯହିଁ
ସେ ଗ୍ରାମ ଅଟେ ତାହାର ।

ଆପଣା ଗ୍ରାମର ନଦୀ ପୁଷ୍କରଣୀ
ବଗିଚା ଆଦି ସକଳ,
ଆପଣାର ବୋଲି କହେ; ପୁଣି ସେହି-
ସବୁକୁ ମଣଇ ଭଲ ।

ବଡ଼ ହୋଇ ଯେବେ କରି ଯାଇପାରେ
ଅନ୍ୟ ରାଜ୍ୟେ ବିଚରଣ,
ବଖାଣଇ ତହିଁ ନିଜ ରାଜା, ରାଜ୍ୟ-
ଲୋକଙ୍କର ଶ୍ରେଷ୍ଠ ପଣ ।

ହାତୀ ଘୋଡ଼ାଠରୁ ଛେଳି ମେଣ୍ଢାଯାଏ
ସବୁ ତା ରାଜ୍ୟର ଭଲ,
ସକଳ ସୁଖର ଆକାର ତାହାରି
ରାଜ୍ୟଟି ଅଟେ କେବଳ ।

ତହୁଁ ବଡ଼ ହୋଇ ଯାଇଥାଏ ଯେବେ
କେହି କେବେ ଦେଶାନ୍ତର,
ସ୍ଵର୍ଗରୁ ଅଧିକ ବୋଲି ବୁଝେ ତେବେ
ଯେଉଁ ଦେଶେ ତାର ଘର ।

ଜ୍ଞାନବଳେ ଯେବେ ଜାଣେ ସମସ୍ତଙ୍କ
ଜନକ ଜଗତପତି,
ସହୋଦର ଜ୍ଞାନ କରେ ଅବନୀର
ମାନବ-ସମାଜ ପ୍ରତି ।

ତେବେ ସେ ଜାଣଇ ଯେ କରଇ ଯେତେ
ଲୋକଙ୍କର ଉପକାର,
ବିଶ୍ଵପତିଙ୍କର ବିଶ୍ଵ ଗୃହେ ଅଟେ
ସେ ତେତେ ଯୋଗ୍ୟେ କୁମାର ।

ଏହିରୂପେ ଗ୍ରାମ-କଥା, ରାଜ୍ୟକଥା,
ଦେଶକଥା, ବିଶ୍ବକଥା
ମାନବ-ଜୀବନେ ପ୍ରତୀତ ହେବାର
ଦର୍ଶିତ ହୁଏ ସର୍ବଥା ।

ମାତୃଭୂମି ମାତୃ- ଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନି- ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଜାତୀୟ କବି ବାଞ୍ଛାନିଧି ମହାନ୍ତି (୨୦ ଅପ୍ରେଲ୧୮୯୭-ମସିହା - ୧୯ ଏପ୍ରିଲ ୧୯୩୮- ମସିହା) ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ କବି ଥିଲେ । ତାଙ୍କ ଜୀବନର ଦୁଇଟି ମୁଖ୍ୟ ଲକ୍ଷ୍ୟ ଥିଲା ; ପ୍ରଥମଟି ହେଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଦ୍ୱିତୀୟଟି ହେଲା ସାମ୍ରାଜ୍ୟବାଦୀ ଫିରିଙ୍ଗି ଶାସନର ଅବସାନ । ସେ ସ୍ୱାଧୀନତା ଆନ୍ଦୋଳନ ପାଇଁ ଅନେକ ଦେଶାତ୍ମବୋଧକ ଗୀତ ରଚନା କରି ନିଜେ ଗାନ କରିଥିଲେ, ଫଳରେ ଆଖପାଖରେ ଲୋକମାନେ ତାଙ୍କ ଗୀତ, କବିତା ଆଦି ଦ୍ୱାରା ଆକୃଷ୍ଟ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିଲେ । ଅସହଯୋଗ ଆନ୍ଦୋଳନ ସମୟରେ ତାଙ୍କର ସଙ୍ଗୀତ କଂଗ୍ରେସ ଭାବ ପ୍ରଚାର କରିବାରେ ବହୁତ ସାହାଯ୍ୟ କରିଥିଲା । ତାଙ୍କ ରଚିତ ଦୁଃଖିନୀ କନିକା ଗୀତଟି ଜନାଦୃତ । ସେ ଜାତୀୟତାଭରା ଗୀତ ଗାଇ ଗାଇ ଗାଁ ଗାଁରେ ବୁଲୁଥିବାରୁ ତାଙ୍କୁ ଜାତୀୟ କବି ବୋଲି ପରିଚୟ ମିଳିଥିଲା । ସାଙ୍ଗେ ସାଙ୍ଗେ ଗୀତ ଲେଖି ବାଟେ-ଘାଟେ ଗାଉଥିଲେ ବୋଲି ତାଙ୍କୁ ମଧ୍ୟ ଚାରଣ କବି କୁହାଯାଉଥିଲା ।

- ବନ୍ଦେ ମାତରମ -

(ରାଗ - ଭୀମ ପଲ୍ଲୀଶ୍ରୀ ମିଶ୍ର , ତାଳ - ଏକତାଳ)

ଧନ - ଜନ - ମନ- ଶକ୍ତି -ଦାୟିନୀ ଭାରତ ମମ ଜନନୀ
ଶୁଖଦା ଶୁଭ-ଶାନ୍ତି - ଦାୟିନୀ ଅୟଂ ତ୍ୱାମ୍ ନମାମି ।-
- (ଘୋଷା)

ହିମଗିରି - ସୀମନ୍ତିତ -ତୁଷାର -ଶୁଭ୍ର -କିରୀଟ -ଧାରିଣୀ
ନୀଳ -ଫେନିଳ -ଅନନ୍ତ -ସିନ୍ଧୁ -ଧୌତ -ଚରଣ -ଜନନୀ ।୧ ।

ବିନ୍ଧ୍ୟାଚଳ - ମଧ୍ୟଦେଶ - ମେଖଳା - କଟି - ଶୋଭିନୀ
ପ୍ରସାରିତ -ଭୁଜ -ଗୁର୍ଜୁରାବଧ - ବ୍ରହ୍ମସରିତା -ବାହିନୀ । ୨ ।

ତ୍ରିଂଶ- କୋଟି - ସନ୍ତାନ - ଯୁବ - ମଧୁର - କଣ୍ଠ - ନାଦିନୀ
ବିଶ୍ୱ - ମୋହିନୀ ଜ୍ୟୋତିରୂପିଣୀ ଜଗଦାଲୋକ - ଦାୟିନୀ ।
।୩ ।

ପତାକା ସଙ୍ଗୀତ

(ଗଜଲି - ଗୁଜୁରାଟି ଜାହାରବା)

ରେ ପତାକା ଜାତିର ଗରବ -
ଜାତିର ଜୀବନ ପରାଣ ତୁହିରେ-
ଏକତା -ପୀରତି -ଶାନ୍ତି -ମୂରତି ସୁନ୍ଦର-
ତୋହର ସମାନ ନାହିଁରେ -
ତୋହରି ଲାଗି ଯେ କେବେ ସମର
ଲାଗିଛି - ଜାଗିଛି କିରତୀ ଅମର
ତୋହରି ଲାଗି କେତେ କାରାଗାର ବରିଲେ
ମରିଲେ ସମର - ଭୁଇଁରେ । ୧ ।

ତୋହରି ଲାଗି ଦେଶେ ଦେଶେ
ପୀରତି ହୋଇଛି ବଇରି ଶେଷେ
ତୋହରି ଲାଗି ଅରିର ଖଡ଼ଗ ଶରୀର
ରକତେ ଦେଲେ ରଞ୍ଜାଇ ରେ । ୨ ।

ଜାଣିଛି ଯେ ଥରେ ଜାତୀୟତା ସ୍ୱାଦୁ
ଚାଖିଛି ଜେ ଥରେ ସ୍ୱାଧୀନତା ମଧୁ
ପାରିଛି ଦେବାକୁ ଜୀବନ ଯୌବନ
ମାନ ସନମାନ ବିମନ ନୋହିରେ । ୩ ।

ଉଡ଼ିଛୁ ,ଉଡୁଛୁ ,ଉଡୁଥିବୁ ପରା
ଯାବତ ଏ ଦେଶେ ଧରିଥିବ ଧରା
ଯାବତ ଜାତିର ଜଣିଏ ପରାଣେ
ଥିବ ତୁ ରାଜିବୁ ଗଗନ ଛୁଇଁରେ । ୪ ।

ଧନ୍ୟ ଧନ୍ୟ ତୁହି ତିନି ରଙ୍ଗଆରେ
ଧରିଛୁ ଅଙ୍ଗରେ ସୁଖ ସାଙ୍ଗିଆରେ
ଚରଖା ଦରିଦ୍ର -ସେବା -ଅବତାର
ବକ୍ଷରେ ସେ ଚିହ୍ନ ନମୁଛି ମୁହଁରେ । ୫ ।

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଭାରତ ମାତା

ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ

ଭାରତ ମୋ ମା ,ଭାରତ ମୋ ମା,   ଜାଣିଛି ଏହା ମୁଁ ଅନ୍ତରେ
ଭାରତୀ ଜନନୀ ଜନ୍ମଭୂମି ସମ,   ନମେ ତବ ପଦପ୍ରାନ୍ତ ରେ ।
ତୁହି ଲୋ ପବିତ୍ରେ ! ତୋ ପବିତ୍ର ରଜେ
ମୋ ପିତୃପୁରୁଷ ପିଣ୍ଡ ଗଢିଛୁ ,
ତୁହି ଲୋ ବିଚିତ୍ରେ ! ତୋ ବିଚିତ୍ର କ୍ଷେତ୍ରେ
ଶତ ସ୍ନେହାଦରେ ସନ୍ତାନେ ପାଳିଛୁ ।
ତୁହି ଲୋ ଭକ୍ତି ,
ତୁହି ଲୋ ଶକ୍ତି ,
ତୁହି ଲୋ ମୁକ୍ତି ଦ୍ୱାର ,
ଯାଏଁ ଯଥା ତଥା ତୋ ନାମ ସ୍ମରଣ ପୁଣ୍ୟ ମୋ ଜପହାର   ।

ଆଜି ଦୀନା ତୁହି କାଙ୍ଗାଳିନୀ ବେଶେ
ଛିଡା ହେଉ ଶୀର୍ଣ୍ଣ ମୋ ମାନସ ଦେଶେ ,
' କିଛି କରି ନାହିଁ ' ଭାବନା କଷଣେ ମର୍ମ୍ମ ମରୁଛି ଦୁଃସହ କ୍ଳେଶ
ଘୋର ଲଜ୍ୟା ମୋର ଘୋର ମଳିନତା ;
ଆମେ ଥାଉଁ ଥାଉଁ ମାତା ଅବନତା,
କୁଳାଙ୍ଗାର ସୁତେ କି ସୁଖେ ଜନନୀ ! ଧରିଛୁ ଦୁର୍ବଳ କୋଳେ,
ମୁରୁଛି ନ ପାରୁ ଆମକୁ ସତେ କି ମାତୃସ୍ନେହ ମାୟା ଭୋଳେ !
ତେଣୁ କି ତୋହର କେଦାରେ କେଦାରେ
ସଜାଇ ରଖିଛୁ ସ୍ୱର୍ଣ୍ଣ ଶସ୍ୟଭାରେ,
ଅଯୋଗ୍ୟ ଆମେ ଲୋ ,ଆମ ଅରଜନ ପର ପାଦତଳେ ଲୋଟୁଛି ;
ଆପଣା ବେଳକୁ ହାଣ କୁରାଢ଼ିରେ ,ଭାଇ ଭାଇ ଗଳା କାଟୁଛି।

ତିଳେ ପ୍ରେମ ଆଉ ନାହିଁ ଆମ ଘରେ ,
ଭାସୁଛୁଁ ଆପଣା ସୋଦର ରକ୍ତରେ ,
ହିନ୍ଦୁ ,ମୁସଲମାନ ,ଦୁଇ ବାହୁ ତୋ'ର
ଦୁହିଁଙ୍କ ଭିତରେ ଦ୍ୱନ୍ଦ ଯୁଦ୍ଧଘୋର,
ବାଟ ବିଦେଶୀଙ୍କୁ ବରଣ କରିଣ ଜଗତରେ ଲୋକ ହସା
ଆମରି କରମ ଆମକୁ ଘାରୁଛି କେ ଫେଡ଼ିବ ଆମ ଦଶା ?
ପରକୁ ନିନ୍ଦିବୁ ଦୋଷିବୁଁ କିପାଇଁ
ଆପଣା ଭାଇକି ସ୍ନେହତିଳେ ନାହିଁ
ଆମ ମା ,ଭଉଣୀ ଆମରି ଅନ୍ୟାୟ କାରାଗାରେ ବନ୍ଦୀ କାନ୍ଦୁଛନ୍ତି ହାଏ !
ଆମ ଶାସ୍ତ୍ର ପୋଥି ଆମ ରକ୍ତ ମଥି ଜୀବନ ଆମର ସାରିଲାଣି ଘାରି,
ଆମ ଅବିଚାରେ ଅସ୍ପୃଶ୍ୟ ଭିତରେ ଗଣା ଛଅ କୋଟି ନରନାରୀ ।

ଭାଇ ଭାଇ ବୋଲି ଉଚ୍ଚେ ଦେଉଁ ଡାକ
ବକ୍ତୃତା ମଞ୍ଚରେ ଦେଶପ୍ରେମ ଯାକ ,
କଥାରେ ଅଜାଡି , କାନ୍ଦି କଲମରେ
ଫେରୁ ନିଜ ଘରେ ଶୂନ୍ୟ ହୃଦୟରେ ।
ନିଜ ଜାୟା ସୁତେ ଖାଦ୍ୟ ନ ପାଆନ୍ତି
ଦେଶ ଦେଶ ବୋଲି ଲୁହେ ଯାଉ ତିନ୍ତି ,
ଅଳସ ଅକର୍ମା ଦିନ ଯାଏ ବିତି ,
ଜପୁ କିନ୍ତୁ ମନ୍ତ୍ର ଓମ ଶାନ୍ତି ,ଶାନ୍ତି ।

ଏ ଘୋର କପଟ ତମୋ ଆବରଣ
କହ ମାତା ,କିଏ କରିବ ଛେଦନ ?
ନିଜ ନୟନରେ ନିଜକୁ ଦେଖିବୁ
ନିଜ କୁରୂପର ସରମେ ସରିବୁଁ ,
ତେବେ ସିନା ହେବ ମନେ ଅନୁତାପ,
ତେବେ ସିନା ଦୂରେ ଯିବ ମୋହ ପାପ ।
ପବିତ୍ର ମାତାର ଏ ଅଧମ ସୁତେ କହ କହ କାହୁଁ ପାଇଲୁ ,?
ଗୌରବ ବିଭବ ସବୁତ ତୋହରି ଆମରି ହାତରେ ସାରିଲୁ ।

ତୋ'ଚରଣ ପରା ଧୁଏ ମହାସିନ୍ଧୁ
କିପାଁ ନ ଦେଲୁ ସେ ନୀର ଏକ ବିନ୍ଦୁ ,
କେ ଧୋଇବ କହ ଏ କଳଙ୍କ-କାଳି ?
ବିନା ଆମେ ରକ୍ତ ନ ଦେଲେ ମା ଢାଳି,
କେବେ ଲଭି ଜ୍ଞାନ ତୋହରି ସନ୍ତାନ
ଏକ ହେବେ ପ୍ରେମେ ଭେଦା ଭେଦ ହୁଡ଼ି,
ରକ୍ତଧାରେ ନୁହେ ,ଭକ୍ତି ଧାରେ ବୁଡି ।

ଆସିବ ନାହିଁ କି ମାଆ ସେ ସୁଦିନ
ଈର୍ଷା ଦ୍ୱେଷ ବନ୍ଧ କରି ସର୍ବେ ଛିନ୍ନ ,
ଏକ ହେବେ ପ୍ରାଣେ ,
ଧର୍ମେ ,କର୍ମେ ,ଜ୍ଞାନେ
ମାନବ ସନ୍ତାନେ ନ ମଣିବେ ହୀନ ।

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଭାରତ ବିଶ୍ୱବନ୍ଦିତା

ଶ୍ରୀ ରମେଶ ଚନ୍ଦ୍ର ପସାଏତ୍

ବିଜ୍ଞାନ ବିତ୍ତ ବ୍ରହ୍ମ ବିଭବ ତତ୍ତ୍ୱ ମଞ୍ଜୁଳ ମଣ୍ଡିତା
ବନ୍ଦେ ଭାରତ ବନ୍ଦେ ଭାରତ
ଭାରତ ବିଶ୍ୱ ବନ୍ଦିତା ..... ।0।
ଚାରୁ ଚଞ୍ଚଳ ଅଞ୍ଚଳ ଜଳ ରତ୍ନ ଭୂଷଣ ଭୂଷିତା
ମେରୁ ଚୁମ୍ବିତ ମୁକ୍ତ ଅମ୍ବର ହାସ ବିହଗ ଚର୍ଚ୍ଚିତା
ଯା କୋମଳ କୋଳ
ଶସ୍ୟ ଶ୍ୟାମଳ
ଭାରତ ଚିର ବନ୍ଦିତା....। ୧ ।
ସଂହତି ହିତ ବାଞ୍ଛିତ ନିତ୍ୟ ପ୍ରୀତି ମଇତ୍ରୀ ସଂଯୁତା
ତ୍ୟାଗ ଶଉର୍ଯ୍ୟ ଶାନ୍ତି ତ୍ରିରଙ୍ଗା ଗର୍ବ ଗୌରବ ବାରତା
ତା ବକ୍ଷେ ଜନମ
ନେବାକୁ ସପନ
ଦେଖେ ଦିବସେ ଦେବତା....। ୨ ।
ସେ ସ୍ୱର୍ଗ ମର୍ତ୍ତ୍ୟ ସକଳ ତୀର୍ଥ ତା ପୂଜା ଆମର ଦୀକ୍ଷା
ଜୀବନ ଦେବା ଜନମ ହେବା ରଖିବା ତାହିରି ନାଆଁ
ମଥା କରି ନତ
ପାଦେ ତା ଶପଥ
ହେବା ଏକ ଡୋରେ ବନ୍ଧା...। ୩ ।
ବିଜ୍ଞାନ- ବିତ୍ତ ବ୍ରହ୍ମ-ବିଭବ ତତ୍ତ୍ୱ ମଞ୍ଜୁଳ ମଣ୍ଡିତା
ବନ୍ଦେ ଭାରତ ବନ୍ଦେ ଭାରତ
ଭାରତ ବିଶ୍ୱ ବନ୍ଦିତା ....।୪ ।

ନି, ଶରଧା
ସଂସ୍କୃତ ଶିକ୍ଷକ
ନଟବର ଉଚ୍ଚବିଦ୍ୟାଳୟ,କଣ୍ଟେଇକେଲା
ଝାରସୁଗୁଡା, ମୋ :୯୭୭୭୩୯୪୫୫୮

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନୀରବ ଆଜି -ସଂଗ୍ରାମୀ ବାଜୀ

ରତିକାନ୍ତ ଦୁବେ



ଚିତ୍ର ଆଉ ଚରିତ୍ରଙ୍କ ଗହଳିରେ
ଭିନ୍ନ ଏକ ଅହିଂସାର ବୀର
ଘର ନବରଂଗ ପୁର ...
କେଉଁ କାଲୁ ,ଦୃଢେ-ଦର୍ପେ
ଦଣ୍ଡାୟମାନ ....ନଇଁନି କେବେବି
ହେଲେ ....
ସତ୍ୟର ତ୍ରିରଙ୍ଗା ଓଢି
ଶୋଇଯାଇଛି ସେ ଆଜି
ଏ ମାଟିର ବରପୁତ୍ର ମହମ୍ମଦ୍ ବାଜୀ

ଦେଖିଛି ସେ ଶହେ ତିନି
ବୈଶାଖ / ବରଷା
ବ୍ରିଟିଶ୍ ଘୋଡ଼ାର ଶବ୍ଦ
ବନ୍ଧୁକର ବଦ୍ ଦିମାକ୍ ଧୂଆଁ
ଜେଲ୍‌ର ଉତ୍ତୁଙ୍ଗ ଅନ୍ଧାର ଆଉ
ପାଦ ଚଲା ଗାଁ ମାଟି,
କାଟିଛି ସେ ଜଙ୍ଗଲରେ
କେଉଁ କାଲୁ
ପ୍ରଲମ୍ବିତ ବିପ୍ଳବର ରାତି ।

ସାଏଁ ସାଏଁ ଗର୍ଜନରେ ଗୋଳି ଗୋଳା
ଲାଠିମାଡ , ଧଡ୍ ଧାଡ୍ ହାଡ୍- ଭାଙ୍ଗେ
କେଁକେଁ କ୍ରନ୍ଦନରେ ଭୂପତିତ
ତ୍ରିରଙ୍ଗା ରୁ ଝରିପଡ଼େ
ଭାରତମାତା କି ଜୟ
ବନ୍ଦେମାତରଂ ଗୀତି ....
ହେଲେ .....

ଶାନ୍ତିର ତ୍ରିରଙ୍ଗା ଓଢି
ଶୋଇଯାଇଛି ସେ ଆଜି
ଏ ମାଟିର ବୀରପୁତ୍ର ମହମ୍ମଦ୍ ବାଜୀ

ଶତାୟୁ ସାରଥୀ ଆଜି ମାଟିପରେ
ଅଜର ଅମର
ଶତାବ୍ଦୀର ଇତିହାସ ଏଇନା
ବିବଶ ଗମ୍ଭୀର
ପୁଣ୍ୟତୋୟା ଇନ୍ଦ୍ରାବତୀ ନଈ
ଗାଉଥାଉ ତା' ଚରଣ ଛୁଇଁ
ସର୍ବଧର୍ମ ପ୍ରାଚୀର ସଙ୍ଗୀତ
ଏ ଜାତି, ଏ ମାଟି ସଦା କାଳେ
ଗାଇଉଠୁ ଦେଶାତ୍ମର ଗୀତ
ଏ ମାଟିର ଗୁପ୍ତ ଇତିହାସ
ନ ଯାଉ ଯେ ହଜି
ହେଲେ .....
ମୈତ୍ରୀର ତ୍ରିରଙ୍ଗା ଓଢି
ଶୋଇଯାଇଛି ସେ ଆଜି
ଏ ମାଟିର ସ୍ଥିରପୁତ୍ର ମହମ୍ମଦ୍ ବାଜୀ

ନବରଂଗ ପୁର
ମୋ :୯୩୩୭୫୬୭୫୮ ୯

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୋ ଦେଶ ଭାରତବର୍ଷ

ସୁଷମା ପରିଜା

ହିମାଳୟ ଶିର ମୁକୁଟ ଯାହାର
ସାଗର ଯାହାର ଚରଣ ଧୁଏ
ଗଙ୍ଗା ଗୋଦାବରୀ କୃଷ୍ଣା ଓ କାବେରୀ
ପ୍ଲାବନେ ପବିତ୍ର ହୋଇଛି ଯିଏ
ସେଇ ମୋ'ର ଦେଶ ଏ ଭାରତବର୍ଷ
ତାହାରି ପାଦେ ମୁଁ ମଥା ନୁଆଁଏ ।।

ସନାତନ ଧର୍ମ ଯେଉଁଠୁ ଉତ୍ପନ୍ନ
ଉପନିଷଦ ଓ ବେଦ ପୁରାଣ
ଗୀତା ଭାଗବତ ଯେଉଁଠି ସମ୍ଭୁତ
ଦିଏ ମନୁଷ୍ୟ କୁ ଯେତେ ସଦ ଜ୍ଞାନ
ଆଦର୍ଶ ଯାହାର ପୁତ୍ର ପଣେ ରାମ
ପିତୃ ସତ୍ୟ ପାଳି ବନ କୁ ଯାଏ
ସେଇ ମୋ'ର ଦେଶ ଏ ଭାରତବର୍ଷ
ତାହାରି ପାଦେ ମୁଁ ମଥା ନୁଆଁଏ ।।

କେତେ ଶୂର-ବୀର ଜନ୍ମି ଏ ଦେଶର
ଇତିହାସ ରଚି ଗଲେ ଟି ଜାଣ
ରାଣାପ୍ରତାପରୁ ମରାଠା ଶିବାଜୀ
ଲଢିଗଲେ ରଖି ଦେଶର ମାନ
ମୋ ଦେଶ ଜନନୀ ବୀରପ୍ରସବିନୀ
ଭଗତ ସିଂହ ଠାରୁ ନେତାଜୀ ଯାଏଁ
ସେଇ ମୋ'ର ଦେଶ ଏ ଭାରତବର୍ଷ
ତାହାରି ପାଦେ ମୁଁ ମଥା ନୁଆଁଏ ।।

ସ୍ୱାଧୀନତା ପାଇଁ ପ୍ରାଣ ବଳି ଦେଇ
ରଚିଗଲେ ଯେତେ ଇତିହାସ
ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ
ଶହୀଦ ମାନଙ୍କୁ ଝୁରେ ଦେଶ
ମାଟିରୁ ଯେଉଁଠି ବୀର ରକ୍ତ ଘରେ
ବିପ୍ଳବ ର ଗାଥା ଗାଇଯାଏ
ସେଇ ମୋ'ର ଦେଶ ଏ ଭାରତବର୍ଷ
ତାହାରି ପାଦେ ମୁଁ ମଥା ନୁଆଁଏ ।।

ଅହିଂସାର ମନ୍ତ୍ର ଶାନ୍ତି ମୈତ୍ରୀ ତନ୍ତ୍ର
ଜିଣି ପାରେ ଯହିଁ ସ୍ୱାଧୀନତା
ସେଇ ଯେ ମହାତ୍ମା ଆମ ଦେଶ ଆତ୍ମା
ଦେଇ ଯାଇଛନ୍ତି ସେ ବାରତା
ଚାରିଧାମ ଆମ ସଦା ପୁଣ୍ୟ ତମ
ସାରା ବିଶ୍ୱର ଯେ ମନ ମୋହେ
ସେଇ ମୋ'ର ଦେଶ ଏ ଭାରତବର୍ଷ
ତାହାରି ପାଦେ ମୁଁ ମଥା ନୁଆଁଏ ।।

ବିଶ୍ୱ ଦରବାରେ ନିଜ ପ୍ରତିଭାରେ
ହୋଇଅଛି ଯିଏ ଜଗତଜିତା
ଉଡାଇ ତ୍ରିରଙ୍ଗା ପତାକା ତାହାର
ଦେଉଅଛି ଶାନ୍ତି ମୈତ୍ରୀ ର ବାର୍ତ୍ତା
ସେଇ ମୋ'ର ଦେଶ ଏ ଭାରତବର୍ଷ
ତାହାରି ପାଦେ ମୁଁ ମଥା ନୁଆଁଏ।।

ନୂଆବଜାର
କଟକ

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଚାଖି ଯେ ସ୍ୱାଧିନ ମଜା

ସୁକ୍ରମା ପଣ୍ଡା

ଜାତୀୟ ଦିବସେ ତ୍ରିରଙ୍ଗା ସୁବେଶେ
ଉଡ଼େ ଯେବେ ଫର ଫର ,
ପୂର୍ବ ପୁରୁଷ ଙ୍କ ତ୍ୟାଗ ବଳିଦାନ
ମନେ ପଡିଯାଏ ମୋର । ୧।

ବିଦେଶୀ ଶୃଙ୍ଖଳ ବନ୍ଧନେ ବ୍ୟାକୁଳ
ଦେଖି ଜନନୀ ଚରଣେ ,
କରିବାକୁ ଛିନ୍ନ ହେଲେ ଅବତୀର୍ଣ୍ଣ
ହୁଙ୍କାର ଦେଇ ରଣେ । ୨।

ସହି ଝଡ଼ ଝଞ୍ଜା ପାଇ ଦୁଃଖ ଗଞ୍ଜା
ଭୁଲି ଆତ୍ମୀୟ ସ୍ୱଜନ ,
ହେଲେ ଯେତେ କଷ୍ଟ ନୋହି ପଥ ଭ୍ରଷ୍ଟ
ଏକ ଲକ୍ଷେ ରଖି ମନ । ୩।

ବାଛି ନାନା ପଥ ରଖି ଏକ ବ୍ରତ
ଝାସି ମୁକ୍ତି ଯଜ୍ଞ କୁଣ୍ଡେ ,
ସ୍ୱାଧିନତା ମନ୍ତ୍ର କଲେ ଗୁଞ୍ଜରିତ
ପ୍ରତି ଦେଶବାସୀ ତୁଣ୍ଡେ । ୪।

ମହାତ୍ମା ଗାନ୍ଧୀ ଙ୍କ ସାଥେ ଲକ୍ଷ ଲକ୍ଷ
ଅହିଂସା ସେନାନୀ ସାଜି ,
ନକରି ଭ୍ରୁକ୍ଷେପ ଗୁଳି ଗୋଳା ତୋପ
ଲଗାଇଲେ ପ୍ରାଣ ବାଜି । ୫।

ଦୃଢେ ଧୈର୍ଯ୍ୟ ଧରି ହସି କାରା ବରି
ଦେଖାଇଲେ ପରାକାଷ୍ଠା ,
ହୋଇଲା ହୁଗୁଳା ଇଂରେଜ ଙ୍କ କୀଳା
ଦେଖି ଭାରତୀୟ ନିଷ୍ଠା । ୬।

ଜଳିଲା ପ୍ରବଳ ହୋଇ ଅସମ୍ଭାଳ
ଅସହଯୋଗ ର ନିଆଁ ,
ହୋଇଲା ଅଚଳ ଫିରିଙ୍ଗି ଙ୍କ କଳ
ଫେରିଲେ ହୋଇ ଛାନିଆ । ୭।

ସରା ବିଶ୍ୱ ରାଣୀ ଭାରତ ଜନନୀ
ତା ଚରଣେ ମୋର ଶିର ,
ତା ଶୋଭା ସମ୍ଭାରେ ଦୃଷ୍ଟି ବାନ୍ଧି ଧରେ
କମଳେ ଯେହ୍ନେ କେଶର । ୮।

ଯୁଗ ଯୁଗ ଧରି ମୋ ଉତ୍ତର ପିଢ଼ି
ଉଡାଉ ଥିବେ ଏ ଧ୍ୱଜା ,
ଗାଇ ଜୟ ଗାନ କରିବେ ସ୍ମରଣ
ଚାଖି ଯେ ସ୍ୱାଧିନ ମଜା । ୯ ।

ଭଟଲି , ବରଗଡ଼

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଗଣତନ୍ତ୍ର

ପ୍ରସନ୍ନ କୁମାର ମାଦଳା

ଗଣତନ୍ତ୍ର ଆମ ବଢାଇଛି ନାମ
ବିଶ୍ୱ ଦରବାରେ ଆଜି
ସର୍ବେ ହୋଇ ଏକ ରଖିଥିବା ଟେକ
ସଚ୍ଚା ନାଗରିକ ସାଜି ।

ମାଟିର ମମତା ଶିଖାଏ ନମ୍ରତା
ସ୍ନେହ ଶ୍ରଦ୍ଧା ଭାବ ପ୍ରୀତି
ଥିଲେ ବି ଆରତେ ଏ ଦେଶ ଭାରତେ
ଗାଉଥିବା ଜୟଗୀତି ।

ଆମରି ଗୌରବ ଜନ୍ମି ତା' ସୌରଭ
ପାଇଛୁ ମୁଠାଏ ବୋଲି
ଖେଳିଛୁ ବାଟୀରେ ଟୋପାଏ ମାଟିରେ
ଲଲାଟେ ତିଳକ ବୋଳି ।

ରହିଲେ ଭକତି ଜୀଇଁବା ଶକତି
ଲୋଡାନାହିଁ ଯଶ ମାନ
ଭୂମିରୁ ଯାହାର ପାଇଛୁ ଆହାର
ତା' ହିତେ ରଖିବା ଧ୍ୟାନ ।

ଜନନୀ ନିଳୟେ ଶତ୍ରୁଙ୍କ ବିଳୟେ
ଗଲେ ଯାଉ ଆମ ପ୍ରାଣ
ମାନସେ ବଚନେ ତା' ପୂଜା ଅର୍ଚ୍ଚନେ
ଲଭିବା ତ ପରିତ୍ରାଣ ।

ରହି ଏ ଦେଶରେ ବିବିଧ ବେଶରେ
ସତ୍ୟରେ ରଖିବା ଲୟ
ସ୍ୱଦେଶୀ ରାଗରେ ବିଦେଶୀ ଆଗରେ
ତିଳେ ବି ନଥିବ ଭୟ ।

ଭାରତ ବନ୍ଦନ ନିମନ୍ତେ ଚନ୍ଦନ
ପୂଜାଧୂପ ନାହିଁ ଲୋଡ଼ା
ସଭିଙ୍କ ସଙ୍ଗରେ ଉଚିତ ଢଙ୍ଗରେ
ଭାଇଚାରା ଥିଲେ ଯୋଡ଼ା ।

ସକଳ ବରଗ ମିଶିଲେ ସରଗ
ଗଢିବା ଏ ଭୂମି ତଳେ
ରହି ସଚେତନ ତ୍ରିରଙ୍ଗା କେତନ
ବିଶ୍ୱେ ଉଡାଇବା ବଳେ ।

ରାଉରକେଲା - ୭୬୯୦୦୨
ଦୂରଭାଷ - ୭୯୭୮୧୯୨୨୨୭

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଜାଗରେ ଭାରତବାସୀ

(ଦେଶ ବନ୍ଦନା)

ଡକ୍ଟର କୃତ୍ତିବାସ ନାୟକ

ଜାଗରେ ଜାଗରେ ଭାରତବାସୀ
ସଭିଏଁ ହେବା ସୈନିକ ,
ଏକତା ବଳେ ଜଳାଇ ଦେବା
ସ୍ୱାଭିମାନର ଆଲୋକ । (ଘୋଷା)

ରାଣାପ୍ରତାପ ଶିବାଜୀ ପରି
ସାହସ ଭରି ମନରେ,
ଜାତିର ଗର୍ବ ଗୌରବ ଗାଥା
କହିବା କୋଟି କାନରେ ।
ସୁଭାଷ ପରି ପଟେଲ ପରି
ବୀର ଅଛନ୍ତି ଅନେକ ।
ଏକତା ବଳେ ଜଳାଇଦେବା
ସ୍ୱାଭିମାନର ଆଲୋକ । ॥୧॥

ମହାଭାରତ ରାମାୟଣରେ
ରହିଛି ଯେଉଁ ଚରିତ୍ର ,
ଗୀତା ପୁରାଣ ଇତିହାସରେ
ତ୍ୟାଗ ପ୍ରେମ ହିଁ ବିଚିତ୍ର ।
ଯୁଗ ଯୁଗକୁ ଜାତିର ପ୍ରାଣେ
ଜଗାଉଥିବା ପୁଲକ ।
ଏକତା ବଳେ ଜଳାଇ ଦେବା
ସ୍ୱାଭିମାନର ଆଲୋକ ।॥୨॥

୦୦୦

ଶୈଳଶ୍ରୀ ବିହାର
ଭୁବନେଶ୍ୱର- ୭୫୧୦୨୧
ଫୋନ. ୭୯୭୮୯୬୧୫୩୪ / ୯୯୩୭୭

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଆମେ ଭାରତୀୟ

ମୁରାରୀ ପ୍ରସାଦ୍ ପଶାଏତ୍

(ଶୃଙ୍ଖଳ ଯମକ ଅନୁପ୍ରାସରେ
ରାଗ= ବଙ୍ଗଳାଶ୍ରୀ ଆଧାରରେ)

ଅସାର ସଂସାର, ମଧ୍ୟେ ଏକା ସାର
ସାରସ୍ବତ ଦିବ୍ୟ କର୍ମ ।
କର୍ମ ଯୋଗୀ ଆମେ, ଭାରତୀୟ ଶମେ
ଶମେ ସିଦ୍ଧ ଆମ ଧର୍ମ ।୧।

ଧର୍ମାନ୍ଧ ନୁହେଁ ତ, ଭାରତୀୟ ସୁତ
ସୁତ ସେ ମାଟି ମାଆର ।
ମାଆଁ ର ପଣତେ ,ସ୍ବର୍ଗ ସୁଖ ସତେ
ସତେଜ ଆତ୍ମା ଶରୀର ।୨।

ଶରୀର ଓ ମନ, ତା ପାଦେ ଅର୍ପଣ
ପଣ,ପ୍ରାଣ ପଣ ଦେଖ ।
ଦେଖ ଇତିହାସ,ନିଅ ଉପଦେଶ
ଦେଶ-ହିତେ ରସ ଚାଖ ।୩।

ଚାଖଣ୍ଡେ ଭୂମିର,ସୁରକ୍ଷା ଆମର
ମରଣ ବିଜୟୀ ସେନା ।
ସେ ନାମେ କାର୍ଗିଲ, ଯୁଦ୍ଧଯାତ୍ରା ଖେଳ
ଖେଳନ୍ତି ସଂଗ୍ରାମୀ ସେନା ।୪।

ସେନା, ସେନାପତି, ସୁଦୃଢ ନିଷ୍ପତ୍ତି
ପତିତ କରେ ବଇରୀ ।
ବଇରୀ ବିଧ୍ବଂସି , ସୀମାନ୍ତେ ସାହସୀ
ହସି ଉଠେ ମୋଦ-ଭରି ।୫।

ଭରି ଉଠେ ମନ, ପ୍ରାଣ ଅପଘନ
ଘନାକାଶେ ସୂର୍ଯ୍ୟ ସମ ।
ସମୟ ସମିପେ, ସମର୍ପିତ ଆପେ
ଆପେ ହିଁ ଆପଣା ଶମ ।୬।

ଶମ-ସନ୍ଧାନରେ, ସନ୍ଧାନୀ ସତରେ
ତରେ ତାରେ ଭବ-ବାରି ।
ବାରିବାରି ସେଇ , ପଦ ଅନୁସରି
ସରିତ ହେଉ ମୁରାରି ।୭।

(ନି .ଶରଧା)

ଆଚାର୍ଯ୍ୟ,
ସରସ୍ବତୀ ଶିଶୁ ବିଦ୍ୟାମନ୍ଦିର ,
ବଢେଇମୁଣ୍ଡା,ଝାରସୁଗୁଡା
ମୋ : ୮୭୫୮୨୧୮୮୧୫

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଆମ ଭାରତ

ଡକ୍ଟର ସଚ୍ଚିଦାନନ୍ଦ କର

ଏମିତି ଏଇ ଆମ ଭାରତ
ତା' ପରି ଦେଶ ନାହିଁ
ସମାନ ଏଠି ରାଜା ପରଜା
ସେବକ ଆଉ ସାଇଁ ।।

ଏଇଠି ଝରେ ସବୁରି ଘରେ
ସୁଖ ସେନେହ ଝର
ସେ ଝର ଜଳେ ସ୍ନାହାନ ପାଇଁ
ଦେବତା ହୁଏ ନର ।।

ଗଙ୍ଗା ଯମୁନା ବହେ ଏ ଦେଶେ
ପାପ ଦେବାକୁ ଧୋଇ
ଏ ଦେଶ ଜନ ଦିଅଁକୁ ତା'ର
ହାତରେ ଦିଏ ଖୋଇ ।।

କେତେ ଧରମ କେତେ ଯେ ଭାଷା
ଜାତିର ଏଇ ଦେଶ
ଏଇଠି ପୁଣି କେତେ ଚଳଣୀ
କେତେ ପୋଷାକ ବେଶ ।।

ସାହସୀ ବୀର ଏ ଦେଶ ପୁଅ
ଦେଶକୁ ମଣେ ମାଆ
ବିପଦ ବେଳେ ଜୀବନ ଦେଇ
ହୁଅଇ ତାକୁ ସାହା ।।

ସକଳ ଭେଦ ପାଶୋରି ଏଠି
ସଭିଏଁ ଭାଇ ଭାଇ
ସରବେ ମିଶି ହୁଅନ୍ତି ଖୁସି
ଦେଶ ଗୀତିକା ଗାଇ ।।

ଏ ଦେଶ ମାଟି ଆମ ଗରବ
ଆମରି ଗଉରବ
ହେ ଦେଶ ମାତା କୋଟି ଜୁହାର
ଚରଣ ତଳେ ତବ ।।

' ନିର୍ମାଲ୍ୟ '

ନୂଆପଡା, ନୟାବଜାର,କଟକ

ଅଗଷ୍ଟ
ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସ୍ୱାଧୀନତା ପରେ ପରେ

ବାଉରିବନ୍ଧୁ ଲେଙ୍କା

ସ୍ୱତନ୍ତ୍ରତାର ସେ ଅମୂଲ୍ୟ ସ୍ୱାକ୍ଷର
ବକ୍ଷରେ ବହନ କରି ଫର ଫର
ଉଡଇ ତ୍ରିରଙ୍ଗା ଆଜି ସଗର୍ବରେ
ଲାଲକିଲାର ପ୍ରାଚୀର ଉପରେ
ପବନର ବକ୍ଷ ଚିରି ।
ଆକାଶରେ ଆଜି ଶାନ୍ତି କପୋତ
ଉଡୁଛନ୍ତି ଗାଇ ମୁକ୍ତିର ଗୀତ
କହୁଛନ୍ତି ସାରା ବିଶ୍ୱକୁ ଆଜିରେ
ଚଳିବନି ଆଉ କାହାରି ଉପରେ
କାହାର ହାକିମିଗିରି ॥ ୧ ॥

ପରାଧୀନତାର ନିଷ୍ଠୁର ଯାତନା
ଫାସି କଳାପାଣି କେତେ କଟକଣା
ସହିଛନ୍ତି ଆମ ସଂଗ୍ରାମୀମାନେ
ଦେଇଛନ୍ତି ପ୍ରାଣ ଦେଶର କାରଣେ
ଶୁଣି ଛାତି ଯାଏ ଥରି ।
ସ୍ୱତନ୍ତ୍ରତାର ଏ ପବିତ୍ର ଦିବସେ
ଆସ ଦେଶବାସୀ ଗାଇବା ସମସ୍ତେ
ବଳିଦାନର ସେ ଅମର ସଙ୍ଗୀତ
ବୀର ସଂଗ୍ରାମୀଙ୍କ ଜୀବନ ବୃତ୍ତାନ୍ତ
ତାଙ୍କୁ ସମର୍ପିତ କରି ॥ ୨ ॥

ଦୁର୍ଦ୍ଦିନର ସେହି ଅମା ଅନ୍ଧକାର
ସ୍ୱାଧୀନତା ପରେ ହୋଇଅଛି ଦୂର
ନୂତନ ଯୋଜନା ନୂତନ କଳ୍ପନା
ସାରା ଦେଶେ ଆଜି ନବ ସଂରଚନା
ମୋ ଦେଶ ପ୍ରଗତି ପଥେ ।
କୃଷି, ଶିଳ୍ପ ଅବା ବାଣିଜ୍ୟ ବିଜ୍ଞାନ
ପ୍ରତି କ୍ଷେତ୍ର ଆଜି ଉନ୍ନତିର ଚିହ୍ନ
ତଥାପି ରହିଛି ଅଭାବ କଷଣ
ଦୁର୍ନୀତି ଓ ପ୍ରିୟା-ପ୍ରୀତିର ତୋଷଣ
ହଟିବ ନିଶ୍ଚେ ତୁରିତେ ॥ ୩ ॥

କମିଛି ସମାଜେ ସଦ୍ଭାବ ସଂପ୍ରୀତି
ଜାତି ଧର୍ମ ଦ୍ୱେଷ ହେଉଅଛି ବୃଦ୍ଧି
ଆତଙ୍କବାଦୀଙ୍କ ହୁଏ ଆକ୍ରମଣ
କରିବାକୁ ଦେଶ ପୁନଃ ବିଭାଜନ
ହେବନି କେବେ ସଫଳ ।
ମୋ ଦେଶର ବୀର ଜାଗ୍ରତ ସୈନିକ
ଜଗିଛି ସୀମାନ୍ତ ସଦା ନିରିଭୀକ
ଦୃଢ ସରକାର ତାଣୁଆ ନେତୃତ୍ୱ
ଧମକରେ କାର ନୁହେଁ ବିଚଳିତ
ରହିଛି ସଦା ଅଟଳ ॥ ୪ ॥

****

ଭୁବନେଶ୍ୱର
ମୋ :୯୮୫୩୫୩୫୮୪୪

ଅଗଷ୍ଟ
ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଏ ମାଟି କୁ କରେ ପ୍ରଣାମ

ପ୍ରତିଭା ପରିଜା





କେଉଁ ମାନେ ଆସିଥିଲେ
କେଉଁ ମାନେ ଚାଲିଗଲେ
କେଉଁ ମାନେ ଅବା ସିକ୍ତ କଲେ
ନିଜ ରକ୍ତେ , ଏ ଦେଶ ମାଟିକୁ
ଭରି ଦେଲେ ସ୍ଵାଧୀନତା ର ସ୍ଵାଦ
ସ୍ଵାଭିମାନ ର ସ୍ଵପ୍ନ ।।

କେଉଁମାନେ ପାତି ଦେଲେ ଛାତି
ଦେଇଦେଲେ ମଥା ,
ମୃତ୍ୟୁ କୁ ଆଡେଇ ଦେଇ ଦୁଇ ହାତେ
ଛଡାଇ ଆଣିଲେ
ସ୍ଵାଧୀନତାର ମୁକୁଟ ,
ଭାରତ ମାତା ର ହାତେ ଧରାଇଲେ
ତ୍ରିରଙ୍ଗା ର ଝଣ୍ଡା ।।

କାହା କାହା ଗୁଣ ଗାନ
କରିବ ଏ ମାଟି
ସ୍ଵର୍ଣ୍ଣା କ୍ଷରେ ଲିପି ବଦ୍ଧ
ଏ ଦେଶ ବୁକୁ ରେ
ଶହ ଶହ ଅମର କାହାଣୀ
ଆତ୍ମ ବଳି ଏ ମାଟି ସନ୍ତାନ ର
ଏ ଦେଶ ସହିଦ ର ।।

ଏ ଦେଶ ର ଇତିହାସ ପୃଷ୍ଠା କହେ
ସେ ଗୌରବ ଗାଥା ,
ସଙ୍ଗୀତ ବି ଶୁଣାଏ ବୀରତ୍ଵର ଯଶ ।।
ଏ ଦେଶ ର ଧୂଳି କଣା ରେ ଭରା
କେତେ କେତେ ବୀର ସହିଦ ର ଗାଥା ,
ଅଲିଭା କାହାଣୀ କେତେ
ପ୍ରାଣ ବଳି ର କଥା ।।

ଏ ଦେଶ ଆକାଶ ସଦା ଜାଗ୍ରତ ପ୍ରହରୀ
ଏ ଦେଶ ମାଟି ସଦା ସର୍ବ ଶକ୍ତିମାନ
ଏ ଭାରତ ବର୍ଷ , ଏ ମାଟି ଆକାଶ
ଏ ସବୁ କୁ କରେ ସଦା
କୋଟି ପ୍ରଣାମ ।।।
****

ସିଡିଏ , କଟକ
ଓଡ଼ିଶା ।।

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କେତେ ଦିନ ଆଉ...

କସ୍ତୁରୀ ଚରଣ ରାଉତ

କେତେ ଦିନ ଆଉ କେତେ ଦିନ
ସ୍ୱାଧୀନ ଦେଶରେ ଦେଶୀ ଶାସକ
ସହୁଥିବା ନିନ୍ଦା ଅପମାନ.....।

ମିଛ ପ୍ରତିଶ୍ରୁତି ମାଗଣା ପ୍ରଶସ୍ତି
ଲାଗୁନାହିଁ ଆଉ ଜମା ଭଲ
ପାଣି ଟୋପେ ପାଇଁ ଜନତା ମରୁଛି
ତେଲିଆ ମୁଣ୍ଡରେ ଖାଲି ତେଲ
ବେକାରୀ,ଦାରିଦ୍ର୍ୟ,ଦୁର୍ନୀତି,ଅନୀତି
ସୀମା ଟପିଲାଣି ଦିନୁ ଦିନ...।୧।
କେତେ ଦିନ.......

ଦେଶ ମେରୁଦଣ୍ଡ କୃଷକ, ସୈନିକ
ମରୁଛନ୍ତି ଏଠି ରାତିଦିନ
ଯୁଦ୍ଧ ନୀତି ଆଉ ବିଦେଶ ନୀତିରେ
ରହିଛି କି ଆମ ସ୍ୱାଭିମାନ
ବୃଦ୍ଧ,ବୃଦ୍ଧା, ଅସହାୟା ନାରୀଙ୍କର
ବଳି ପଡେ ମାନ ସନମାନ...।୨।
କେତେ ଦିନ......

ମାଓବାଦ ସହ ଆତଙ୍କବାଦ ବି
ବିସ୍ତାରୁଛି ତା'ର ବାହୁଛାୟା
ଘରୋଇ ହିଂସାକୁ ନାରୀ ନିର୍ଯ୍ୟାତନା
ଦୁଷ୍କର୍ମର ବଢିଚାଲେ କାୟା
ରାଜନୀତି ହିଂସା ଏମିତି ବଢୁଚି
ନିରିହ ଜନତା ହିନୀମାନ......।୩।
କେତେ ଦିନ..........

ତଳଠୁ ଉପର ପି.ସି. କାରବାର
ବେପାର ଚାଲିଚି ଭଳିଭଳି
ରାସ୍ତାଘାଟ, ପୋଲ, କୋଠା ନିର୍ମାଣରେ
ଠିକାଦାର ଯନ୍ତ୍ରୀ କୋଳାକୋଳି
ହାତଗୁଞ୍ଜା ବିନା ଭତ୍ତା କି ଆବାସ
ମିଳୁନାହିଁ ଟିକେ ପେନସନ......।୪।
କେତେ ଦିନ.........
****

ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ୍
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର
ମୋ.୯୯୩୭୯୮୨୮୪୬

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଏ ମୋ ଭାରତ ବର୍ଷ

ବୀଣାପାଣି ରାଏଗୁରୁ

ଏ ମୋ ଭାରତ ବର୍ଷ
ସୁଜଳା ସୁଫଳା ସଶ୍ୟ ଶ୍ୟାମଳା
ସ୍ୱର୍ଣ୍ଣପ୍ରସୂ ଦେଶ
ଏ ମୋ ଭାରତ ବର୍ଷ ।
ମୋ ଦେଶ ମାଟି କହେ ରେ କଥା
ବୀର ସୂରଙ୍କ କାହାଣୀ ଗାଥା
ଯାହାଙ୍କ ପାଇଁ ପିଉଛେ ଆଜି
ସ୍ୱାଧୀନତା ର ରସ
ଏ ମୋ ଭାରତ ବର୍ଷ
କୋମଳ ତା,ର ଅମଳ କୋଳେ
ସପତ ସିନ୍ଧୁ ଖେଳେ କଲ୍ଲୋଳେ,
ଦୋଳାଏ ନଭ ଖେଳାଏ ମେଘ
ରଚାଏ ଇତିହାସ,
ଏ ମୋ ଭାରତ ବର୍ଷ।।

ଦେଶ ଏ ମୋର ଅନୁଭବ ର
ସତ୍ୟ ଶାନ୍ତି ଦୟା ମୁକ୍ତି କ୍ଷମା ର
ନିଃଶ୍ୱାସରେ ତା ବିଶ୍ୱାସ ବହେ
ମୃତ୍ୟୁ ପାଏ ଜୀବନ୍ୟାସ,
ଏ ମୋ ଭାରତ ବର୍ଷ।।

ସ୍ମୃତି ର ଫୁଲଦାନି ରେ ଥୁଆ
ବାସ୍ନାରେ ଭିଜେ ଭାରତ ମାଆ
ହେ ମୋର ସୁର ବୀର ଯବାନ !
ତୁମରି ଲାଗି ଏ ଦେଶ ଧନ୍ୟ
ଲାଗୁ ତୁମକୁ ଏ ଦେଶ ଦୁଆ
ଦେଶବାସୀ ଆଶୀଷ ।
ଏ ମୋ ଭାରତ ବର୍ଷ
ଏଇଠି ଜନ୍ମ, ଏଇଠି କର୍ମ,
ଏଇଠି ମୋ ଶେଷ ।।

ସାଲେପୁର, କଟକ

ଅଗଷ୍ଟ ବିଶେଷାଙ୍କ-୨୦୧୯

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଦେଶପ୍ରେମ

ଜୟଶ୍ରୀ ପଟ୍ଟନାୟକ

ଆ ସାଥୀ ! ତୋତେ ମୁଁ ପିନ୍ଧେଇଦେବି
ତ୍ୟାଗ,ଶାନ୍ତି ଆଉ ସମୃଦ୍ଧିର ପତାକା
ତୋ ମନକୁ ବାନ୍ଧିଦେବି, କପୋତ ର ଘୁମନ୍ତ ଡେଣାରେ
ତୁ ଉଡୁଥିବୁ ଅନ୍ତରୀକ୍ଷର ନିଳିମାରେ
ଠିକ ମନ ଉଡ଼ିଲାପରି ପବନର ତ୍ୱରିତ ଗତିରେ ।

ମୁଁ ବନ୍ଧୁଥିବି ଦେଶପ୍ରେମ ର ଦୀପାଳିରେ
ନାଲି,ନେଳି, ଧଳା ଫୁଲଙ୍କ ରଙ୍ଗ ବେରଙ୍ଗି ପାଖୁଡ଼ାରେ
ଆଙ୍କିଥିବି ସ୍ନେହ, ପ୍ରେମ, ଭାତୃବୋଧର ହର ରଙ୍ଗି ମୁରୁଜ
ମାଟି ମା ର ଧୂସର ପଣତରେ ।

ତୋ ମୋ ଭିତରେ ବନ୍ଧାଥିବ ଦେଶପ୍ରେମର ମଜଭୁତ ଡୋର
ତୋରଣ ବନ୍ଧା ସେଇ ସୁଶୀତଳ ଛାଇ ସମ୍ପର୍କର
ତୋ ପାଦକୁ ଧୋଇଦେବି ଗଙ୍ଗାର ପ୍ଲାବନୀରେ
ଲହଡ଼ି ଭାଙ୍ଗୁଥିବ ସଂଗୀତ ଦେଶ ମାତୃକାର ପୂଜାରେ ।

ଝୁମି ଝୁମି ଯାଉଥିବ ନୂପୁର ଝଙ୍କୃତ ନିକ୍କଣ
ଅଳତାର କମକୁଟ କମନୀୟ ରକ୍ତାଭ ପାଦରେ
ସ୍ୱାଧୀନତାର ମଦିରା ପିଇ ଅଧରର ରକ୍ତକରବୀ ପାଟଳରେ
ଅନୁସୃତ ଥିବ ଦେଶ ବନ୍ଦନାର ଗୀତ ।

ଦିକ ଦିକ ଜଳୁଥିବ ଛାତିରେ, ମାଟି ଚୁମିଥିବା ଶହୀଦର ସ୍ମୃତି
ଆଖିରେ ଜଳ ଜଳ ଦିଶୁଥିବ, ଅମର ଯବାନ ଜ୍ୟୋତି ।

ଦିନେ ବନ୍ଧା ପଡିଥିଲା ମୋ ଦେଶ
ଫିରିଙ୍ଗିର ଶକ୍ତ ବଳୟରେ
ଟଳି ପଡୁଥିଲେ ବୀର ଯୋଦ୍ଧା ରକ୍ତ ସ୍ୱାକ୍ଷର ଦେଇ ।
ହଜି ଯାଇଥିଲା କ୍ରାନ୍ତିକାରୀଙ୍କ ସ୍ୱପ୍ନ ମରଣ ଶେଯରେ
କେତେ ଲୁହେ ସମୁଦ୍ର ସ୍ନାନ କରିଥିଲେ ଦେଶପ୍ରେମୀ
ପ୍ରଲମ୍ୱିତ କରି କଳ୍ପନା ଜଳ୍ପନା ଏକତାର ଗୁନ୍ଥା ମାଳରେ ।

ଆ ସାଥୀ ! ଥରେ କାନ୍ଧକୁ କାନ୍ଧ ମିଶାଇ
ବାହୁରେ ବାହୁ ଛନ୍ଦି, ରକ୍ତଜବାର ଆରକ୍ତ ଅଧରେ
ଗାଇଯିବା ଦେଶଗୀତି, ମୌସୁମୀର ଭିଜା ପଣତରେ ।

ଏ ମାଟି ହେଉ ସ୍ୱର୍ଣ୍ଣପ୍ରସୂ, ଜାତି ହେଉ ମହାନ
ସୁଖରେ ଥାନ୍ତୁ ସଇନ ପତାକାକୁ କରି ସଲାମ
ମୋ ଦେଶ ଜଳବାୟୁ ରେ ଥାଉ ପ୍ରେମ,ପ୍ରୀତିର ସ୍ପନ୍ଦନ
ପଞ୍ଜୀରାରେ ଲେଖାଥାଉ ନିଜର କରିଲାପଣ
ଦୁଃଖ ବାଦଲରୁ ପହଁରିଆସୁ ମଲ୍ଲୀ ମହକିତ ପବନ
ଅଙ୍ଗ ଭୂଷଣରେ ବୋଳାଥାଉ ଏ ମାଟିର ଚନ୍ଦନ ।

ମସ୍ତକେ ଶୋଭାପାଉ ହିମାଳୟର ତାଜ
ଦୂରେଇଯାଉ ମନରୁ ସ୍ୱାର୍ଥାନ୍ଧର କଥା
ଆକାଶର ନିଳାଭରେ ଉଡୁଥାଉ ତ୍ରିରଙ୍ଗା ପତାକା
କୋଟି ନରନାରୀଙ୍କ ମୁଖରୁ ଶୁଭୁଥାଉ ଶାନ୍ତିର କଥିକା
ସବୁରି ହୃଦେ ବାଜିଉଠୁ ଏକତାର ଗୀତିକା ।

ଅମୃତମୟ, ମଧୁମୟ ହେଉ ଏ ସୁନ୍ଦର ପୃଥିବୀ
ସଭିଙ୍କର ପ୍ରୀତି ପଖଳା ନରମ ଚାହାଣିରେ ଭରିଯାଉ
ସ୍ୱାଧୀନତାର ଗୀତି, ଆଉ ଶାନ୍ତିର ପ୍ରୀତି

ଗଙ୍ଗନଗର, ଭୁବନେଶ୍ୱର

ମୋ :୯୪୩୮୩୬୮୯୬୭

ଅଗଷ୍ଟ ବିଶେଷାଙ୍କ-୨୦୧୯

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ତ୍ରିରଙ୍ଗା ଦିବସ

କମଳିନୀ ଦେବୀ

ତ୍ରିରଙ୍ଗା ରଙ୍ଗରେ ସଜେଇ ହୋଇଛି
ଦେଖ ଆଜି ସାରା ଦେଶ
ବାସ୍ତରି ବର୍ଷରେ ପଦାର୍ପଣ କରି
ମୁଖେ ନାହିଁ ତାର ହସ ।।

କେତେ ବଳିଦାନ ଦେଇଗଲେ ଆମ
ଦେଶଭକ୍ତ ବୀରସୂତ
ନେତାଜୀ ସୁଭାଷ, ବୀର ସୁରେନ୍ଦ୍ର
ସେ ଟିକି ବାଜିରାଉତ ।।

ଭଗତ୍ ସିଂହ, ଖୁଦିରାମ ସେ ଯେ
ଚାଖି ଖୁଣ୍ଟିଆ କୁହ
ଝାନ୍ସିରାଣୀ ଆଦି ସଭିଏଁ ଲଢିଲେ
ବୁହାଇ ରକତ ସୁଅ ।।

ନେତୃତ୍ୱ ତାହାର ନେଇଥିଲେ ଗାନ୍ଧୀ
ପଣ କରିଥିଲେ ସେହି
ଦେଶରୁ ଫିରିଙ୍ଗି ଶାସନ ହଟାଇ
ଗଢିବେ ସୁନାର ଭୂଇଁ ।।

ଇଂରେଜ ଶାସନ ଅନ୍ଧାରୀ ମୂଳକେ
ଉଇଁବ ନୂତନ ସୂର୍ଯ୍ୟ
ସ୍ୱାଧୀନତାର ସେ ଅରୁଣ କିରଣ
ପାଇଁ ରଖିଥିଲେ ଧୈର୍ଯ୍ୟ ।।

ସ୍ୱାଧୀନତା ଖାଲି ନାମକୁ ମାତର
କାହିଁ ସ୍ୱାଧୀନତା ଦେଶେ
ନାରୀ ନିର୍ଯାତନା ବଢି ବଢି ଚାଲେ
ଚତୁର୍ଦ୍ଦିଗେ ଦେଖ ଦିଶେ ।।

ରୋଜଗାର ନାହିଁ ପେଟ ପୋଷିବାକୁ
ଦାଦନ ଖଟୁଛି ପୁଅ
ଯୁଆଡେ ଚାହିଁଲେ ହିଂସା, ଦ୍ୱେଷ, ହତ୍ୟା
ଛୁଟୁଛି ରକତ ସୁଅ ।।

ତ୍ରିରଙ୍ଗାକୁ ଛୁଇଁ ଶପଥ କରିବା
ବୀରର ଦାୟାଦ ଆସ
ଏ ଅବକ୍ଷୟର ପଥକୁ ରୋଧିବା
ସଂଗ୍ରାମେ ଦେବା ଝାସ ।।

ଇଉନିଟ୍ -୬
ଭୁବନେଶ୍ୱର

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସ୍ୱାଧୀନତା

ଡ଼. ଆଲୋକ କୁମାର ରାୟ

କାହାକୁ ବା ଭଲ ନ ଲାଗେ ଟିକି ଚଢ଼େଇପରି
ନୀଳ ଗଗନରେ ଉଡ଼ିବାକୁ
ଡେଣାଝାଡ଼ି ପବନ ସଂଗେ ଖେଳିବାକୁ
ଆକାଶ ଛାତିରେ ନିଜ ନାଁ ଲେଖିବାକୁ

କାହାକୁ ବା ଭଲ ନ ଲାଗେ ଶାଗୁଆ
ଅରଣ୍ୟରେ ମନ ଖୋଲି ବୁଲିବାକୁ
ନିଜ କଥାର ପ୍ରତିଧ୍ୱନି ନିଜେ ଶୁଣିବାକୁ
ଗଛ ଛାଇରେ ଥକା ଟିକେ ମାରିବାକୁ

କାହାକୁ ବା ଭଲ ନ ଲାଗେ ପାହାଡ
ତଳି ଗାଁ ରେ ରାତିଟିଏ ବିତେଇବାକୁ
ଗଭୀର ରାତିରେ ପାହାଡର କଥା ଶୁଣିବାକୁ
ଝିଙ୍କାରୀ ସହ ମିଶି ଦୁନିଆ ଭୁଲିବାକୁ

କାହାକୁ ବା ଭଲ ନ ଲାଗେ ନଈ
କୂଳେ ବସି ଗୀତ ଟିଏ ଗାଇବାକୁ
ତା କୁଳୁକୁଳୁ ଧ୍ୱନୀରେ ମଜ୍ଜିବାକୁ
ତା ପାଣିରେ ମୁହଁ ଦେଖି ହସିବାକୁ

କାହାକୁ ଭଲ ନ ଲାଗେ ବର୍ଷାର
ରାଗିଣୀ ମନଭରି ଟିକେ ଶୁଣିବାକୁ
କୋହଲା ପବନରେ ଶିତେଇବାକୁ
ଆଞ୍ଜୁଳାଏ ବର୍ଷା ପାଣି ମୁହଁରେ ଛାଟିବାକୁ

ନିଜ ଇଚ୍ଛାରେ ମାଲିକ ହୋଇ
ସ୍ୱପ୍ନର ନିଚ୍ଛକ ବଣିକ ସାଜିବାକୁ
ନିଜ ଅସ୍ତିତ୍ୱର ସିଂହାସନେ ବସିବାକୁ
କିଏ ବା ନପାଏ ଭଲ ସ୍ୱାଧୀନ ହେବାକୁ

ଯାଜପୁର

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

"ବନ୍ଦେ, ଭବ୍ୟା ଭାରତୀ ଭାରତ "

ସୁଭାଷ ଚନ୍ଦ୍ର ପଣ୍ଡା

ଦେବ ବାଞ୍ଛିତ, ସୁର ନର ,ମୁନି ପୂଜିତ
ସୁନୀଳ ସାଗର ନୀଳ ନୀଳିମାର
ଅନୁରାଗେ ଅନୁ ରଞ୍ଜିତ,
ବନ୍ଦେ, ଭବ୍ୟା ଭାରତୀ ଭାରତ ।

ଶଙ୍ଖ ଧବଳ ଅମଳ କମଳ
ହିମ ଗିରି ହିମ ଶୀତଳ ମୁକୁଟ ଶୋଭିତ ,
କଳ୍ପ କଳ୍ପର କବି କଳାକାର କଳ୍ପିତ
ଧରଣୀ ରାଣୀର ସୁହାଗ ସିନ୍ଥିରେ ସିନ୍ଦୁର ବିନ୍ଦୁ ଅଙ୍କିତ ,
ବନ୍ଦେ, ଭବ୍ୟା ଭାରତୀ ଭାରତ ।

ତୋ କୋଳେ ଖେଳିଲେ
ବେଦ ବିଶାରଦ ,ଜ୍ଞାନୀ , ଗୁଣୀ କେତେ ପଣ୍ଡିତ ,
ଆଦିକବି ବ୍ୟାସ ବାଲ୍ମୀକି ବନ୍ଦିତ,
କବି କୁଳଗୁରୁ କାଳି ଦାସ ମାଘ
କବି ଭାରବୀ, ବରାହ ମିହିର ସେବିତ ,
ବନ୍ଦେ, ଭବ୍ୟା ଭାରତୀ ଭାରତ ।

ରାମ ରାଘବ ,କୃଷ୍ଣ କେଶବ
ବୁଦ୍ଧ, ଚୈତନ୍ୟ ,ରାମାନୁଜ ରାମ କୃଷ୍ଣ ଆଉ
ଅନୁକୂଳ ସର୍ବ ବିଦିତ ,
ସନ୍ଥ ପାଳନ, ଦୁଷ୍ଟ ଦଳନ ,
ମାର୍ଗ ଦର୍ଶନ ଅଭୀପ୍ସାରେ ଅବତରିତ ,
ବନ୍ଦେ, ଭବ୍ୟା ଭାରତୀ ଭାରତ ।

ମନ୍ଦିର ମାଳିନୀ ବୀର ପ୍ରସବିନୀ
ଦିବ୍ୟ ନଦ ନଦୀ ପୂରିତ ,
ଗଙ୍ଗା ଗୋଦାବରୀ କୃଷ୍ଣା କାବେରୀ
ମହାନଦୀ, ରେବା ନର୍ମଦା ଜଳ ବିଧୌତ ,
ବନ୍ଦେ, ଭବ୍ୟା ଭାରତୀ ଭାରତ ।

ତୋ ସୁରମ୍ୟ କୋଳ ସ୍ନେହ ସରାଗରେ
ମମତାରେ ଅନୁବନ୍ଧିତ ,
ତୋ ବୁକୁରେ ଅଛି ପ୍ରୀତି ପାର୍ବଣର, କାନନ କୁଞ୍ଜର
ପ୍ରେମ ପାରାବାରେ ଜୀବନର ମଧୁ ସଙ୍ଗୀତ
ବନ୍ଦେ, ଭବ୍ୟା ଭାରତୀ ଭାରତ ।

(ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସ୍ୱାଧୀନତା ଏଇ ସ୍ୱାଧୀନତା

ପୁଷ୍ପିତା ଦାଶ୍

ସବୁଜ ଦୂର୍ବା ଗାଲିଚା ପରେ
ପୁଷ୍ପଗୁଚ୍ଛ ତାରକା ମେଳ
ଦୃପ୍ତ ଭଙ୍ଗୀ ତୃପ୍ତ ହସେ
ସ-ଗର୍ବେ ଉଡେ ପତାକା ମୋର

ଆସିଛି ସେଇ ପବିତ୍ର ବେଳା
ସୁରଭି କରେ ସମୀରେ ଖେଳା
ଜୀବନ ଦେବା ରଖିବା ମାନ
କର୍ତ୍ତବ୍ୟ ତୁମ ଗର୍ବ ମୋର ।

ହିଲ୍ଲୋଳିତ ହୁଏ ଏ ଯେବେ
ରକ୍ତେ ମୋର ଖେଳେ ତରଙ୍ଗ
ଏକଇ ମନ ଏକଇ ପ୍ରାଣ
ଗୋଟିଏ ଆମ ଲହୁର ରଙ୍ଗ ।

ଅନେକ ଜାତି ଅନେକ ଧର୍ମ
ବର୍ଣ୍ଣ କେତେ, କେତେ ବୈଷମ୍ୟ
ଅନେକତାରେ ଏକତା ଆଣି
ରଖିବା ଶାନ୍ତି ଆମର କାମ୍ୟ ।

ସୈନ୍ୟବାହିନୀ ମନର ବଳ
ବଢାଇ ଦେବା ଆମର କାମ
ଆନ୍ତରୀଣ ଶାନ୍ତି ଶୃଙ୍ଖଳା
ରଖିବା ବନ୍ଧୁ ସବୁରି ଧର୍ମ ।

କିଏ ସେ ଏଠି ଲହୁରେ ଖେଳେ
କିଏ କେଉଁଠି ନିରାଶେ ଜଳେ
ନକାରାତ୍ମକ ଚେତନା ଶକ୍ତି
ଭସ୍ମ କର ବନ୍ଧୁ ହେଳେ ।

ମାଟି ମାଆର ଶିର ଉନ୍ନତ
ରଖିବା ସଦା କର୍ମ ଆମର
ସଙ୍କୁଚିତ ଚିନ୍ତା ଭାବନା
ପଦରେ ଦଳ କର ବା ମର ।

କାଶ୍ମୀରଠାରୁ କନ୍ୟାକୁମାରୀ
ପୁଣ୍ୟଭୂମି ଭାରତ ବର୍ଷ
ଦୁଃଖ ଦାରିଦ୍ର୍ୟ ଏଡାଇ ଦେବା
ଫୁଟିବ ସବୁ ମୁଖରେ ହର୍ଷ ।

ଓଡିଶା

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମା ମାଗେ ନାହିଁ ଲୁହ

ତ୍ରିଲୋଚନ ପଣ୍ଡା

ସଭିଙ୍କ ଜନମ ଜନନୀ ଜଠରୁ
ସଭିଏଁ ମାଟିର ପୁଅ
ମା ମାଗେନାହିଁ ପୁଅରେ ମୋ ପାଇଁ
ବୁହା ଟିକେ ଆଖି ଲୁହ ।।୧।।

ପ୍ରଶଂସା ଶବଦ ମାଟି ମା ବୁଝେନି
କହେନାହିଁ କର ସ୍ତୁତି
ବନ୍ଦେ ମାତରମ୍ ଜୟ ହିନ୍ଦ୍ ଗାନ
ପୁଅର ଆପଣା ପ୍ରୀତି ।।୨।।

ଯିଏ ଯେତେ ଉଚ୍ଚ ଆକାଶରେ ଉଡୁ
ମାଟିରୁ ଆରମ୍ଭ ଯାତ୍ରା
ଯିଏ ଯେତେ ଉଚ୍ଚ ଆସନରେ ବସୁ
ମାଟିରୁ ଆରମ୍ଭ ସତ୍ତା ।।୪।।

ଜଗତରେ କିଛି କରମ ତ ନାହିଁ
ମାଟି ମା ସାହା ବିନା
ମାଟି ମାଆ ଦୁଃଖ ନିଜର ନ କଲେ
ମିଳେ ନାହିଁ ଦାନା କନା ।।୫।।

ଧରାଧାମ ମାନେ ମାଟି ପାଣି ଧାମ
ମଣିଷ ମାଟିର ପୁଅ
ବାସ ଘର ଯହିଁ ଶେଷ ଘର ସେହି
ଭାବିଲେ ମାଟି ହିଁ ଦିଅଁ।।୬।।

ମାଟିରେ ବସିଲେ ଜପ ତପ ଧ୍ୟାନ
ସଂସାର ସହିତ ଧନ
ମାଟି ଭୁଲି ଗଲେ ସବୁ ରସାତଳେ
ମାନ ଗର୍ବ ଅଭିମାନ।।୭।।

ତର୍କ କଲେ ମା ଭକତି ବଢେନା
ଆଗେ ମା ପରେ ନୀତି
ମାଟି ମା ପାଇଁ କେତେ ଯେ ସନ୍ତାନ
ଗୁଳିକୁ ପତାନ୍ତି ଛାତି ।।୮।।

ମାଟି ମା ଯଦି ଆନ ହାତ ହୁଏ
ପୁଅ ବୁଝେ ଲାଭ କ୍ଷତି
ଯୋତା ସେବାଠାରୁ ଚାବୁକ ପାହାର
କାନ୍ଦିଲେ ସରେନି ରାତି ।।୯।।

ସ୍ୱାଧୀନ ଦେଶର ସନ୍ତାନ ବୋଲି
ଛାତି ଫୁଲିଯାଏ ମୋର
ଜନନୀ ଭାରତ ପାଦ ତଳେ ମୋର
ମଥାନୁଆଁ ନମସ୍କାର ।।୧୦।।

ଯୋଗାଯୋଗ - ୯୪୩୯୧୯୭୫୬୦

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

" ମା-ମାଟି କଥା "

ପ୍ରଭାତ କୁମାର ନାୟକ

ଗର୍ଭାବାସ ଠାରୁ ବାଲ୍ୟକାଳ ଯାଏ
ମାଆ ପଦାଘାତ ସହେ ,
ମାଟି ମାଆ ସହେ କେତେ ପଦାଘାତ
ଏନ୍ତୁଡ଼ିରୁ ଜୁଇ ଯାଏ । ୧।

ବକ୍ଷରୁ ଅମୃତ ଝରାଇ ଜନନୀ
ଜୀବନ ଆମକୁ ଦିଏ ,
ଛାତି ଚିରି ତାର ସୁନାର ଫସଲ
ମାଟି ମା' ଆହାର ଦିଏ । ୨।

ପୋଛି ଦିଏ ମାଆ ଦୁଃଖ ଶୋକ ଲୁହ
ସ୍ନେହ ବୋଳା ପଣତ ରେ ,
ମାଟି ମା' ଶୁଣାଏ ଜୀବନ ସଙ୍ଗୀତ
ସୁଲୁ ସୁଲୁ ସମୀରରେ । ୩।

ବାଲ୍ୟ କାଳେ କେତେ ନାଚ ଗୀତ ଖେଳ
ମାଆ କୋଳେ ବିତିଯାଏ
ଜୀବନର ଖେଳ ମାଟି ମା' କୋଳରେ
ଏ ମଣିଷ ଖେଳି ଥାଏ । ୪ ।

ଆମରି ଜୀବନେ ସୁଖ ଭରି ମାଆ
ତା' ସୁଖ ଯାଇଛି ଭୁଲି ,
ସୁଖ ସମ୍ପଦର ସକଳ ଭଣ୍ଡାର
ମାଟି ମା' ଦେଇଛି ଖୋଲି । ୫ ।

କେବେ କିଛି ମାଆ ନ ଚାହିଁ ଆମଠୁ
ନିସ୍ୱାର୍ଥରେ ଦେଇ ଯାଏ ,
ମାଟି ମାଆ କୋଳେ ଆମକୁ ଛାଡ଼ି ସେ
ମାଟିରେ ବିଲୀନ ହୁଏ । ୬।

ମାଟି ମାଆ ଆହା ପାଳଇ ଆମକୁ
ଜୀବନ ସରିବା ଯାଏ ,
ଜୁଇରେ ଜଳିଲେ ତା ଦେହବି ଜଳେ
ଗୁମୁରି ସେ କାନ୍ଦୁ ଥାଏ । ୭।

ମାଆ ମାଟି ଏଣୁ ସ୍ୱର୍ଗ ଠାରୁ ବଡ଼
ପ୍ରଭୁ ରାମ କହିଥିଲେ ,
ଆସରେ ସଭିଏଁ ଦୁହିଁଙ୍କ ଚରଣ
ପୂଜିବା ଭକତି ଫୁଲେ । ୮ ।

ମାଆ ମାଟି ଦାନ ମନରୁ କେବେରେ
ଯିବା ନାହିଁ ଆମେ ଭୁଲି ,
ତା' ମାନ ମହତ ରଖିବା ଆମେରେ
ପ୍ରାଣ ପଛେ ଯାଉ ଚାଲି । ୯।

ମଧୁପୁର , ଭଦ୍ରକ, ଓଡ଼ିଶା

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଏଇ ତ୍ରିରଙ୍ଗା ପତାକା ତଳେ..!!

ବନ୍ଦିତା କର

ଅଗଷ୍ଟ ପନ୍ଦର ଦିନ , ଏଇ ତ୍ରିରଙ୍ଗା ପତାକା ତଳେ
ଅନେକ ଭାବର ଜୁଆର
ଅନେକ ଇଚ୍ଛାର ଲହର
କାହିଁକି କେଜାଣି ,
ଆଖିକୋଣରେ ଉକୁଟି ଉଠୁଥିଲା...|
ଅଗଷ୍ଟ ପନ୍ଦର ଦିନ,ଏଇ ତ୍ରିରଙ୍ଗା ପତାକା ତଳେ !
ନୀରବ ନିଦ୍ରାର ଚାଦର ଘୋଡେଇ ହୋଇ ,
ଶୋଇଯିବାକୁ ଇଛା ହେଉଥିଲା ମୋ ମାଟି ମା'ର କୋଳେ
ଅଗଷ୍ଟ ପନ୍ଦର ଦିନ , ଏଇ ତ୍ରିରଙ୍ଗା ପତାକା ତଳେ !
କେମିତି ବି ଭୁଲି ହେବ, ସେ ସୁନାର ଅତୀତକୁ..!
ଜାତି ପ୍ରେମର ବହ୍ନିରେ ହସିହସି ଜୀବନ ଦେଇଥିବା
ବାଜି ରାଉତକୁ ଆଉ ଧର୍ମପଦକୁ.....|

କେମିତି ବି ଭୁଲିହେବ,ସେ ସତ୍ୟବାଦୀ ବକୁଳ ବନକୁ
ଦେଶପ୍ରେମର ମହାମନ୍ତ୍ରେ ଗୁଞ୍ଜରି ଉଠୁଥିବା
ଇଞ୍ଚୁଡି ଲବଣ କ୍ଷେତ୍ରକୁ...|
ଅଭୁଲା ସ୍ମୃତିର ଅବିର , ଅତୃପ୍ତ ଆଶାର ସିନ୍ଦୁର
ଛାତି ଅଗଣାରେ ବିଛାଡି ହୋଇ ପଡୁଥିଲା
ଅଗଷ୍ଟ ପନ୍ଦର ଦିନ ,ଏଇ ତ୍ରିରଙ୍ଗା ପତାକା ତଳେ |
ବିଭୋର ସ୍ମୃତି ଘୁଂଗୁର ପାଦରେ ନାଇ
ନାଚି ଯିବାକୁ ଇଛା ହେଉଥିଲା, ମୋ ମାଟି ମା'ର କୋଳେ
ଅଗଷ୍ଟ ପନ୍ଦର ଦିନ ଏଇ ତ୍ରିରଙ୍ଗା ପତାକା ତଳେ !

ଫେରନ୍ତା କି ସେ ସୁଦିନ ମୋ ଦେଶର ଭାଗ୍ୟ- ଆକାଶେ ,
ନବ ଦୀପ୍ତି ନବ ଉନ୍ମାଦନା ନେଇ ଉଇଁଥାନ୍ତା,
ଦୀପ୍ତ ସୂର୍ଯ୍ୟ ପ୍ରକାଶି ଆଲୋକ ସୌର୍ଯ୍ୟ
ଗାଆନ୍ତା କି "ଜନ ଗଣ...
ମୋ ଦେଶର ପ୍ରତି ଜନ..
ନବ ଏକ ଅଂଗୀକାରେ ପୁଲକି ଉଠନ୍ତା ପ୍ରାଣ|
ଭାରତ ମାତାର ଛବି , ଅପୂର୍ବ ବିଶ୍ୱାସ ଲଭି.,
ମନ ଆଇନାରେ ଝଲସି ଉଠୁଥିଲା ,
ଅଗଷ୍ଟ ପନ୍ଦର ଦିନ,ଏଇ ତ୍ରିରଙ୍ଗା ପତାକା ତଳେ !
ଜାଗୃତିର ଯାଦୁକାରି ସୂର ଓଠରେ ନାଇ...,
ଗାଇ ଯିବାକୁ ଇଚ୍ଛା ହେଉଥିଲା ମୋ ମାଟି ମା'ର କୋଳେ
ଅଗଷ୍ଟ ପନ୍ଦର ଦିନ,ଏଇ ତ୍ରିରଙ୍ଗା ପତାକା ତଳେ ...!!!

ନୂଆବନ୍ଧସାହି ,ନବରଂଗପୁର

ଅଗଷ୍ଟ ବିଶେଷାଙ୍କ-୨୦୧୯

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଶିଶୁ କବିତା

ଆସ ରେ ପିଲାଏ ..ଗଢ଼ିବା ଦେଶ

ଅମ୍ବିକା ସ୍ୱାଇଁ

ଧନ୍ୟ ଜନ୍ମ ଭୂମି "ଭାରତ ମାତା" ମୋ
ଜନମିଛି ତୋର କୋଳେ
ମୋ ଦେଶର ଟେକ ରଖିବା ପାଇଁ କି
ସ୍ୱପ୍ନ ଦେଖେ ଆଖି ଡୋଳେ ,
ହାରି ଯିବି ନାହିଁ ଥକି ଯିବି ନାହିଁ
କରିବି ସେବା ମୋ ମା'ର
ଯୁଝୁଥିବି ସଦା ମାଟି ମାଆ ପାଇଁ
ତୋଳିବି ସପନ ଘର ,
କୁନି କଢି ଟି ରୁ ବଡ଼ ଫୁଲ ହେବି
ମହକି ଉଠିବ ବାସ
ଆସ ରେ ପିଲାଏ ଆସ, ସଭିଏଁ ମିଶି
ଗଢିବା ସ୍ୱପ୍ନର ଦେଶ ।।

ଦେଶ ଜାତି ପାଇଁ କାମ ଯେ କରିବା
ହେବା ଗାନ୍ଧୀ,ଗୋପ ବନ୍ଧୁ
ସକାଳ ଉଦିତ ସୂରୁଜ କିରଣେ
ଝଲସିବ ମହାସିନ୍ଧୁ ,
ହଟାଇ ଦେବା ଦେଶରୁ ଆମର
ହିଂସା କପଟ ଦ୍ୱେଷ
ପରସ୍ପର ରଖି ସ୍ନେହ ସଦ୍-ଭାବ
ମନେ ଫୁଟାଇବା ହସ
ଆସ ରେ ପିଲାଏ ଆସ ମିଳିମିଶି କି
ଗଢିବା ସୁନାର ଦେଶ ।।

ଦୂର କରିଦେବା ଜାତିଆଣ ଭାବ
ଗାଇବା ଗୋଟିଏ ସ୍ୱର
ଗୋଟିଏ ମା'ର ସନ୍ତାନ କୋଟିଏ
ଏକ ଆତ୍ମାର ଇଶ୍ୱର
ହିନ୍ଦୁ, ମୁସଲିମ , ଜୈନ ଖ୍ରୀଷ୍ଟିଆନ
ଗୋଟିଏ ମାନବ ଜା ତି
ଜାତି ଧର୍ମ ନାମେ ବିବାଦ ନ କରି
ରଖିବା ବନ୍ଧୁତା ପ୍ରୀତି
ଆସ ରେ ପିଲାଏ ଆସ ମିଳିମିଶି କି
ଗଢିବା ସତ୍ୟର ଦେଶ ।।

ଆମରି ମା'ର ଜୟଗାନ କରି
ରଖିବା ତାହାର ଟେକ
ସ୍ୱାଧିନ ଦେଶ ର ନାଗରିକ ଗଣ
ଏକଥାକୁ ମନେ ରଖ
ଆମ ମାଟି ଉତ୍କଳ ଆମେ ଭାରତୀୟ
ଗୋଟିଏ ମା'ର ସନ୍ତାନ
ଜାତି ଧର୍ମ ବର୍ଣ୍ଣ ବାଛିବା ନି ଆମେ
ଚଳିବା କରି ଏକମନ
ଆସ ରେ ପିଲାଏ ଆସ ମିଳିମିଶି କି
ଗଢିବା ଏକତା ଦେଶ ।।

ଭୁବନେଶ୍ୱର ଓଡ଼ିଶା, ୯୭୭୭୫୯୯୬୯୫

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଶିଶୁ କବିତା

ଶୁଣ ମୋର ଦେଶବାସୀ ......ମୋ ଭାଇ ଭଉଣୀ

ପ୍ରିୟଦର୍ଶିନୀ ମହାରଣା

ଶୁଣ ମୋର ଦେଶବାସୀ ମୋ ଭାଇ ଭଉଣୀ,
କହୁଛି ଆଜି ମୋ ମାଟି ମାଆର କାହାଣୀ ।

କୋଟିଏ ଧରମ ଏଠି ଗୋଟିଏ ନାଆ ରେ ,
ଏ ମୋ ଜନ୍ମଭୂମି ପରା ଭାରତ ମାଆ ରେ ।

ଏ ମାଟିରେ ଭରିଅଛି ବୀରତା ନିଶାଣ ,
ଦେଶ ପାଇଁ ବଳିଦାନ ଧନ୍ୟ ସେ ସନ୍ତାନ ।

ତ୍ରିରଙ୍ଗା ଗାଉଛି ମୋର ଭାରତ ମହାନ ,
ସର୍ଭିଙ୍କୁ କରେ ଆପଣା ଶାନ୍ତି ର ସଦନ ।

ଏ ଦେଶ ର ବୀର-ବୀରା ହାତେ କରବାଳ ,
ଶତ୍ରୁର ଗରବ ଦଳି ଗରଜେ ଚଞ୍ଚଳ ।

ଶତ୍ରୁ ପାଇଁ ସାବଧାନ ସତ୍ୟର ମନ୍ଦିର ,
ଶାନ୍ତି ସଂହତିରେ ମୋର ମାଟି ଭରପୁର ।

ହିମାଦ୍ରୀ ମୁକୁଟ ଯାର ଚୁମ୍ବଇ ଗଗନ ,
ବିନ୍ଧ୍ୟ କଟି ହାର ସିନ୍ଧୁ ଧୁଏ ଯା ଚରଣ ।

ଗଙ୍ଗାନଦୀ ପବିତ୍ରତା ବାରତା ଦିଏ ରେ ,
ସେ ଦେଶର ବୀର ଶିଶୁ ଡ଼ରିବୁ କାହିଁ ରେ ।

ବାଲୁଗାଁ ,ଓଡିଶା

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଏ ସଂପର୍କ ଲିଭିବାର ନୁହେଁ....

ପ୍ରବାସିନୀ ହୋତା

ଜଣାନାହିଁ ମୋତେ...
ଦେଶପ୍ରେମ କ'ଣ ??

ତଥାପି ତୋର ଫରଫର
ଉଡୁଥିବା ତ୍ରିରଙ୍ଗା ଦେଖିଲେ
ମନେ ମୋର ପୁଲକ ଖେଳେ
ତୋ ନାଁ ରେ କୁଣ୍ଢେ ମୋଟ ହୁଏ ଛାତି
ବିଶ୍ୱ ମାନଚିତ୍ରରେ ତୋତେ ଇ
ଖୋଜିହୁଏ ଆଖି ।

ସେଥର ଅଲିମ୍ପିକରେ
ସ୍ୱର୍ଣ୍ଣ ପଦକ ଟେ ପାଇଲା ବେଳେ
ଜନ-ଗଣ-ମନ ଧୁନ୍ ର ଗୁଞ୍ଜନରେ
ଟାଙ୍କୁରି ଉଠିଥିଲା ଲୋମ ମୂଳ
ଯେତେଥର ଶୁଣିଲେ ବି,
"ଏ ମେରେ ୱତନ୍ କେ ଲୋଗୋଁ"
ବନ୍ଧବାଡ ମାନେ ନାଇଁ ଆଖିର ବନ୍ୟାଜଳ ।

ଯେତେ ଯାହା ଗୁଣ, ଅବିଗୁଣ ସତ୍ତ୍ୱେ
ଦୁନିଆଁ ର ବାକି ଦେଶଠାରୁ
ଲାଗେ ମୋତେ ମୋ ଦେଶ ମହାନ୍
ସେଇଠି ଜନମି, ବଢ଼ି
ମୁଁ ବି କଣ କମ୍ ଭାଗ୍ୟବାନ୍ !!
ବାରଂବାର ତୋତେ ଛାତିଫାଡି
ମା ଡାକିବାକୁ ଇଚ୍ଛା ହୁଏ
ବାରମ୍ବାର ତୋ କୋଳରେ
ଜନ୍ମ ନେବାର ମାୟା ଜାଗେ
ତୋ ରକ୍ତରଞ୍ଜିତ ଇତିହାସର ଗାଥାରେ
ରକ୍ତରେ ମାଦଳ ବାଜେ
ତୋ ମୁଣ୍ଡରେ ବିଜୟର ଶିରିପା ଥିଲେ
ମନଟା ଭାରି ଶାନ୍ତି ଲାଗେ ।

ରହି ରହି ଇଚ୍ଛା ଟିଏ ମୁଣ୍ଡ ଟେକେ
ଥାଆନ୍ତା କି ମୋର ରକ୍ତର ସୌଭାଗ୍ୟ
ତୋର ପାପୁଲିଏ ଧୂଳିକୁ ସେ
ପାରନ୍ତା ରଙ୍ଗିନ୍ କରି !!
ଏ ଶରୀରର ପ୍ରତି ବଦଳେ
ତୋର କପାଳେ ପାରନ୍ତି କି
ଗୌରବର ଗୋଟେ ତିଳକ ଭରି !!

ଜାଣେନା ମା'
ଦେଶପ୍ରେମ କ'ଣ ??
କିନ୍ତୁ ଏତିକି ଜରୁର୍ ଜାଣେ
ତୋତେ ନେଇ ମୁଁ
ମୋତେ ନେଇ ତୁ
ଜୀବନର ଶେଷ ନିଃଶ୍ୱାସ ଯାଏ
ଏ ସଂପର୍କ ଲିଭିବାର ନୁହେଁ
କଦାପି ଲିଭିବାର ନୁହେଁ....

ଭଟଲି ଛକ, ବରଗଡ଼

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସ୍ୱାଧୀନତା ଦିବସ: ଏପାଖ ସେପାଖ

ରଶ୍ମିତା ଦୀକ୍ଷିତ

ପ୍ରତିବର୍ଷ ପରି ଆସିଛି ସେଦିନ
ଅସୁମାରୀ ପ୍ରତିଶ୍ରୁତି ନେଇ
ସ୍ୱାଧୀନତା ର ଜୈତ୍ର ଉଡାଇ
ପ୍ରତିଶ୍ରୁତି ର ଲମ୍ବା ଧାଡ଼ିରୁ
କିଏ ଜାଣେ କେତେ ପୁରଣ ହେବ
କେତେ ହେବ ନାହିଁ ??

ସମୟର ପ୍ରବାହରେ ଆମେ ଆଜି
ଉତ୍କର୍ଷ ର ଶିଖର ରେ
ଦୃପ୍ତ କଣ୍ଠରେ ଜୟ ଗାନ କରୁ
" ସ୍ୱାଧୀନ ଭାରତ ର ଜୟ "
ସତେ ଯେମିତି ଅଯୁତ ଯୁଗର
ଶକ୍ତ ଶୃଙ୍ଖଳ ରୁ
ଏଇ ମାତ୍ର ମୁକ୍ତ ହେଇଛୁ
ଆମେ ସବୁ ଏବେ ଏକଦମ ନିର୍ଭୟ।

ଏମିତି ତ ଏ ତ୍ରିରଙ୍ଗା କୁ ଛୁଇଁ ଦେଲେ
ଖେଳିଯାଏ ଶିହରଣ
ମନରେ ପୁଲକ ଅଶାର ଆଲୋକ
ଛୁଇଁଯିବୁ ଅଫେରା ଅତିତ
ଅନେକ କିଛି କରିଯିବାର ଦମ୍ଭ
ପରିବର୍ତ୍ତନ ର ନୂତନ ଆହ୍ୱାନ
ଉଙ୍କିମାରେ ଅତୀତ ଗର୍ଭରୁ
ମଜ୍ଜିଯାଉ ସ୍ୱାଧୀନତାର
ସ୍ୱାଦ ଉପଭୋଗ କରିବାର
ସାମୟିକ ଆକର୍ଷଣ ହେତୁ
ଯାହା ରହେ ମାତ୍ର କେଇ କ୍ଷଣ ।

ସ୍ୱାଧୀନତା ଦିବସର ଆୟୋଜନ
ପତାକା ଉତ୍ତୋଳନର ସମସ୍ତ
ଉତ୍ସାହ ର ସମାପ୍ତି ଘଟେ
କେଇ ଘଣ୍ଟା ପରେ ...
ସବୁ ଉଲ୍ଲାସର ଅନ୍ତ ହୁଏ
ଛୁଟି ଘଣ୍ଟା ବାଜିଲା ପରି
ଠିକ ପତାକା ଓହ୍ଲାଇ
ଯଥା ସ୍ଥାନେ ରଖିଦେଲା ପରେ
ପୁନଶ୍ଚ ଆଉ ଏକ
ସ୍ୱାଧୀନତା ଦିବସ ର
ସୂର୍ଯ୍ୟୋଦୟ କୁ ପ୍ରତୀକ୍ଷା
ଯାହାକୁ ପତାକା ବି ଝୁରେ ।

ସ୍ୱାଧୀନତା ଅର୍ଥ କଣ
ସଭା ,ସମିତି ,ଗଳ୍ପ, କବିତାରେ
ଅତୀତର ସ୍ମୃତି ଚାରଣ,
ଶହୀଦର ଗୁଣ ଗାନ,
ପୂର୍ବ ସୁରୀଙ୍କର ବନ୍ଦନ
ଆମେ କଣ ଏବେ ସତରେ ସ୍ୱାଧୀନ ??
ସତେ କଣ ମୁକ୍ତ ଆମେ
ଈର୍ଷା, ଦ୍ୱେଷ ,ଲୋଭ ,ମୋହ ,
ପରଶ୍ରୀକାତରତା , ହିଂସା ଆଦି ର
ଦାସତ୍ୱ ବନ୍ଧନ ରୁ ??
ସ୍ୱାଧୀନତା ଦିବସ ପାଳନ
ଅବସର ରେ ଏଇ ପ୍ରଶ୍ନ
ବିଦ୍ଧ କରେ ଅନ୍ତରକୁ ମୋର ପ୍ରତିକ୍ଷଣ ....

---

୪୨ ମୌଜା , କଟକ

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଜୟ ଭାରତ ମାତା

ଅନୀତା ପାଣି

ଗଉରବ ମୟ ଇତିହାସ ତୋର
ପୁଣ୍ୟଦାୟିନୀ ତୋ ଗାଥା ,
ତୋ କୋଳେ ଜନମି ଗର୍ବ ଅନୁଭବେ
ଟେକିଛୁ ସମ୍ମାନେ ମଥା ।

ଶିକ୍ଷା ସଂସ୍କୃତିରେ ପ୍ରକୃତି ଶୋଭାରେ
ଅଦ୍ୱିତୀୟ ତୋ ମମତା ,
ବୀର ପ୍ରସବିନୀ ତୁହି ମା ଧରଣୀ
ସବୁରି ଭାଗ୍ୟ ବିଧାତା ।

ସୁଯୋଗ୍ୟ ସନ୍ତାନ ବାପୁଜୀ ନେହେରୁ
ଶାସ୍ତ୍ରୀ ସୁବାଷ ତିଲକ ,
ଅହିଂସା ବଳରେ ଫେରାଇ ଆଣିଲେ
ବିଦେଶୀ ହସ୍ତୁ ମୁଲକ ।

ସୀମା ସୁରକ୍ଷାରେ ସୈନିକ ବାହିନୀ
ଜାଗ୍ରତ ପ୍ରହରୀ ହୋଇ,
ହସି ହସି ପ୍ରାଣ ଆହୁତି ଦିଅନ୍ତି
ମାତୃଭୂମି ରକ୍ଷା ପାଇଁ।

ଫରଫର ଉଡୁ ନୀଳ ନଭ ଛୁଇଁ
ଆମରି ତ୍ରିରଙ୍ଗା ଧ୍ୱଜା,
ଅଖଣ୍ଡ ଭାରତ ମାତାର ସୁପୁତ
କରିବା ମାଟିର ପୂଜା ।

ସାଉଥ୍ ବଲଣ୍ଡା, ତାଳଚେର

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସ୍ୱାଧୀନତା ବନାମ ଅରାଜକତା !

ଶ୍ରୀ ଡମ୍ବରୁଧର ବାଗ

ସ୍ୱାଧୀନତାର ସେହି ଛାତି ଥରା କଥା
ଏବେ ବି ଶୁଣିଲେ ଲାଗଇ ଭୟ ।
ଭୋଗିଥିଲେ କେତେ କଷଣ ଯାତନା
ଯାହାକି ସତରେ ଅବର୍ଣ୍ଣନୀୟ ।

ପିଠିରେ ଚାବୁକ ଛାତିରେ ଗୁଳିକୁ
ଦେଶ ପାଇଁ ଯିଏ କଲେ ଗ୍ରହଣ ।
ସିଏ ପରା ଆମ ବୀର ଭାରତୀୟ
ଯାହା ପାଇଁ ଦେଶ ହେଲା ସ୍ୱାଧୀନ ।

ସୁଭାଷ ମହାତ୍ମା ବାଳ ଗଙ୍ଗାଧର
ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ।
ଲାଲା ଲାଜପତ ରାୟଙ୍କ ସମେତ
ବୀର ସୁରେନ୍ଦ୍ର ବିପିନ ଚନ୍ଦ୍ର ପାଲ ।

କେତେ କେତେ ବୀର ଆଉ ବୀରଙ୍ଗନା
ଦେଶ ମାତୃ ପାଇଁ କି ଦେଲେ ଜୀବନ ।
ତାଙ୍କ ପାଇଁ ଆଜି ଏ ମହାନ ଭାରତ
ପରାଧୀନତା ରୁ ହେଲା ସ୍ୱାଧୀନ ।

ସ୍ମରଣ କରୁଛି ସେ ସନ୍ତାନମାନଙ୍କୁ
କରୁଛି ତାହାଙ୍କୁ କୋଟି ପ୍ରଣାମ ।
ଭୁଲି ନାହିଁ ଦେଶ ଭୁଲିବନି କେବେ
ହୃଦୟେ ରଖିବ ତାଙ୍କରି ନାମ ।

ସ୍ୱାଧୀନତା ଦେଶ କେବେଠୁ ହେଲା
ପୁରିଲାଣି ଏବେ ବାସ୍ତରୀ ବରଷ ।
କେବେ ହେବୁ ଆମେ ସ୍ୱାଧୀନ କେଜାଣି
ଲାଗିବ ପୁଣି ଯେ ଆଉ ହରଷ ।

ଏବେ ବି କାନ୍ଦୁଛି ଏ ଦେଶ ଆମର
ଝରୁଅଛି ନୟନୁ ଲୋତକ ଧାର ।
ଥମୁନି ଶୋଷଣ ନିର୍ଯ୍ୟାତନା ହତ୍ୟା
ଧର୍ଷଣ ସାଥିରେ ଗଣ ବଳାତ୍କାର ।

ଦୁର୍ବଳ ଉପରେ ଅତ୍ୟାଚାର ସୀମା
ସହି ହେଉନାହିଁ କି କହି ହୁଏନା ।
ଲାଗେ ମୋତେ ଏଠି ଗୋରା ସାହେବ ସମ
ରହିଛନ୍ତି ସତେ ବିଦେଶୀ ନନା ।

ସ୍ୱାଧୀନ ଦେଶରେ ସତ୍ୟ ଧର୍ମ ଶାନ୍ତି
ପ୍ରଗତି ସମୃଦ୍ଧି ପ୍ରେମର ବାର୍ତ୍ତା ।
ସପନ ସେସବୁ ପାଣିର ଫୋଟକା
ଚୁଲିକୁ ଗଲାଣି ସେସବୁର ସତ୍ତା ।

ଆତଙ୍କର ଏଠି ଚାଲିଛି ଶାସନ
କଥାରେ କଥାରେ ଫୁଟୁଛି ଗୁଳି ।
ଦିନ ଦ୍ୱିପହରେ ହେଉଛି ହତ୍ୟା
ବଳାତ୍କାର ହୁଏ ଗଳି କି ଗଳି ।

ଦୋଷୀ ଦୋଷ କରି ଛାତି କୁ ଫୁଲାଏ
ନିର୍ଦ୍ଦୋଷ ଯେ ହୁଏ ଦୋଷୀରେ ଗଣା ।
ଧନ ବଳ ସାଥେ ବାହୁ ବଳ ଯା'ର
ସେ ରହିଅଛି ଟେକିକି ଫଣା ।

ଗୁଣ୍ଡା ଗର୍ଦି ଡକାୟତି ଲୁଟ୍ ପାଟ
ଚାଲିଛି ଦିନର ଦୁଇ ପ୍ରହରେ ।
କେବେ ଶାନ୍ତି ହେବ ଏ ଦେଶ ମାଆଟି
ଲୋତକ ଶୁଖିବ ତାଙ୍କ ଆଖିରେ ।

ନିୟମ କାନୁନ ବଦଳେ ନିତି
ସମୟର ସେହି କାଳ ଚକ୍ରରେ ।
ବୋଧେ ଆଉ ଥରେ ସ୍ୱାଧୀନତା ସଂଗ୍ରାମ
ଲୋଡା ହୋଇପାରେ ଏଇ ଦେଶରେ ।

....

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି
ଫୋନ ନମ୍ବର -୯୧୭୮୨୨୫୭୭୪

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବନ୍ଦେ ମାତରଂ

ସରୋଜିନୀ ଦାସ

ଅଗଷ୍ଟ ପନ୍ଦର-
କି ସେ ଦିନ ଥିଲା ୧୯୪୭ ର !!
କି ସେ ସକାଳ ଥିଲା
ନୂଆ ଉଦ୍ଦୀପନା ର !!
ରକ୍ତ ରକ୍ତ ରେ ଫୁଟି ଉଠୁଥିଲା
ଦେଶପ୍ରେମ ଅଲିଭା ଅନଳ ।

ଟାଙ୍କୁରି ଉଠୁଥିବା
ଲୋମକୂପ ରେ
ଭରିଯାଇଥିଲା
ପ୍ରେମ ର ସ୍ୱେଦ
ମାଟି ମା ପାଇଁ....,
ନିଗିଡ଼ି ଆସୁଥିଲା
ଠପ୍ ଠପ୍ ହୋଇ
ଅବାରିତ ଅନର୍ଗଳ।

ଆଖି ରେ ମୁହଁ ରେ
ପ୍ରଜ୍ଜ୍ୱଳି ଉଠୁଥିଲା
ଦୃପ୍ତ ଲେଲିହାନ ଶିଖା
ବ୍ରିଟିଶ କୁ ପଦାନତ କରିବାର
ବିଜୟୀ ବୀର ର
ତୃପ୍ତ ମନ ତଳ ଭାଷା ।

ନୂଆ ଭାରତର ରୂପରେଖ
ବଦଳିଛି ଏଇ ଏବେ ଏବେ
ସନ୍ତ୍ରାସ କୁ ହତ୍ୟା କରି...
ସୃଷ୍ଟି ହେବ ଶାନ୍ତି ର ମଇଦାନ।
ନୂଆ ବିଧେୟକ
ପ୍ରସାରିବ କ୍ରାନ୍ତିକାରୀ
ପରିବର୍ତ୍ତନ
ସବୁଠି ମନ୍ଦ୍ରିତ,ମନ୍ତ୍ରିତ ସେ
ଅନିର୍ବଚନୀୟ ସ୍ୱର--"ବନ୍ଦେ ମାତରଂ"
ଆକୁମାରୀ ହିମାଚଳ
ଶୁଭେ ଗୁଞ୍ଜରଣ ।

ଅଫୁରନ୍ତ ଆନନ୍ଦ ଲହରୀ ତେଣୁ ,
ଖେଳିଯାଏ ଧରା ର ସ୍ୱର୍ଗ ରେ
ମାଟି ପାଣି ଆକାଶ କୁ
ଏକାକାର କରି।
ଫର ଫର ଲହରାଏ
ତ୍ରିରଙ୍ଗାୟିତ ଧ୍ୱଜ
କାଶ୍ମୀର ମଥାନ ଉପରେ
ଉଚ୍ଛେଦି ତିନିଶହ ସତୁରୀ

ଏକ ଧ୍ୱଜା,ଏକ ରଙ୍ଗ,
ଏକ ମନ୍ତ୍ର ଏକ ହିଁ ନିୟମ
ଅବଗାହେ ଏ ଭାରତ ବର୍ଷ
ଅଖଣ୍ଡତା ର ପରାକ୍ରମେ
ଆସିବ ଉତୁରି।

ଆଜିର ଏ ତ୍ରିରଙ୍ଗା ଦେଖ
ଉଜ୍ଜ୍ୱଳି ଉଠୁଛି....
ଗାଢ଼ ହୋଇ ଉଠୁଛି ତା'
ତିନି ରଙ୍ଗ
ଉଦ୍‌ଥିତ ସୂ ରୁଜ ନାଲି
ଢାଳୁଛି ତହିଁରେ ପୁଣି
ସ୍ୱର୍ଣ୍ଣିମ ଉମଙ୍ଗ।

ସେ ଉମଙ୍ଗ ରେ ଚମକିଯାଉ
ସଶକ୍ତ ହେଉ----
ଯୁବ ଉନ୍ମାଦନା ,
ଏକତା ର ଆବାହନୀ ମନ୍ତ୍ରେ
ଥରିଯାଉ,ଡରିଯାଉ, ଫେରିଯାଉ
ସୀମା ସେପାରିରୁ
ଠୁଳ ଯେତେ ବର୍ବର
ଅଇରୀ ର ସେନା ।
ଜୟ ହିନ୍ଦ୍।

। ଭୁବନେଶ୍ୱର ।

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୋ ଦେଶ

ରାଜଲକ୍ଷ୍ମୀ ତ୍ରିପାଠୀ

ନୁହେଁ ଖାଲି ଭୂମି ଖଣ୍ଡେ ମାଟି ପଥରର
ଜ୍ଞାନ ଶକ୍ତି ସୌନ୍ଦର୍ଯ୍ୟ ରେ ସଦା ଭରପୁର
ଅତୁଳ ତା'ଶିଳ୍ପକଳା କାବ୍ୟ ଓ କବିତା
ସର୍ବଧର୍ମ ସମନ୍ୱୟେ ଟେକିଛି ସେ ମଥା।

ମର୍ତ୍ତ୍ୟ ର ମାଧୁରୀ ଆମ ଭାରତ ଜନନୀ
ସତ୍ୟ ଅହିଂସା ର ବାଣୀ ମହାମନ୍ତ୍ର ଧ୍ୱନି
ସଂସ୍କୃତି ବିଭବ ଭରା ଇତିହାସ ତା'ର
ମହତ୍ତମ ପ୍ରଜ୍ଞା ଦ୍ୟୁତି ଏ ମହାଜାତିର ।

କେତେ ଋଷି ସାଧୁ ଭକ୍ତ ଜ୍ଞାନୀ ଓ ମହାତ୍ମା
ପୂଣ୍ୟବତୀ ବୀରନାରୀ ଏ ଦେଶର ଆତ୍ମା
ରଚିଛନ୍ତି ଯଶ କୀର୍ତ୍ତି ସ୍ୱଧର୍ମ ଆଚରି
ବିଶ୍ୱଜନ ହିତେ ଢ଼ାଳି ଅମୃତ ର ବାରି ।

ଶହୀଦ ର ଦୀପ ଜଳେ ତ୍ରିରଙ୍ଗା ର ତଳେ
ଜାଗିଉଠେ ଦେଶପ୍ରେମ ପ୍ରତି ହୃଦୟରେ ।

ପୁରୀ ,ଓଡିଶା

ଅଗଷ୍ଟ ବିଶେଷାଙ୍କ-୨୦୧୯
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କାହିଁକି ଭାବୁଛ ନିଃସ୍ୱ ମୋତେ

ମନୋରମା ମିଶ୍ର

କାହିଁକି ଭାବୁଛ ନିଃସ୍ୱ ମୋତେ
ବିଶ୍ୱରେ ମୋର ଭାରତ ମହାନ
ଅମ୍ଳାନ ତା'ର କୀରତି ଯେତେ ।୦।

ବୃକ୍ଷ ସମ ଏ ଦେଶର ଗରିମା
ପଲ୍ଲବ ଯାର ଗଗନ ଛୁଏଁ
କେତେ ଯେ ଗଭୀରେ ଭେଦିଛି ତା'ଚେର
ନଜାଣିଛି ଅବା ସେ କଥା କିଏ
ଅହରହ ପରା ପୁରାତନ ଦେହୁ
ମହକ ଛୁଟୁଛି ନୂତନ ପଥେ । ୧ ।
କାହିଁକି ଭାବୁଛ ନିଃସ୍ୱ ମୋତେ......

ଜ୍ଞାନ ବିଜ୍ଞାନ ବିଦ୍ୟା ବୁଦ୍ଧିରେ
ଋଦ୍ଧ ଏ ମାଟି ପାଣି ପବନ
ଯୁଗ ଯୁଗପତ ମୁଗ୍ଧ କରିଛି
ପର୍ଯ୍ୟଟକର ପିପାସୀ ମନ
ଭାଷା,ସଂସ୍କୃତି ଧର୍ମ ପ୍ରଭାବେ
ପୁଷ୍ଟ ଏ ଦେଶ ଐତିହ୍ୟ ଯେତେ । ୨ ।
କାହିଁକି ଭାବୁଛ ନିଃସ୍ୱ ମୋତେ.......

କେତେ ସ୍ୱାକ୍ଷର ରଚି ଯାଇଛନ୍ତି
ମୁନି ଋଷି ରାଜା ସୁଧୀ ପ୍ରବର
ଲୁବ୍ଧ ଅରାତି କୃତ କର୍ମରେ
କ୍ଷୁବ୍ଧ ହୋଇଛି ତା'କଳେବର
ତଥାପି ପ୍ରକୃତି ସଞ୍ଚି ରଖିଛି
ଶୋଭା ସମ୍ପଦ ତା ଦେହେ କେତେ । ୩ ।
କାହିଁକି ଭାବୁଛ ନିଃସ୍ୱ ମୋତେ......

ନୀଳାଦ୍ରି ବିହାର
ଭୁବନେଶ୍ୱର -୨୧
ଦୂରଭାଷ :୯୮୭୧୫୭୮୫୩୨

ସୃଜନୀ ପରିବାର (ଚେନ୍ନାଇ)

ବିଜୟୀ ସ୍ମୃତି



ଜାତୀୟ କବି ଶ୍ରୀ ବୀରକିଶୋର ଦାସ

(୨୩.୧୧.୧୮୯୬ - ୨୮.୦୪.୧୯୭୩)

ଦେବ !
ଅମର ପୁରରୁ ଗଗନ ଉଡାଲୁ ଚାହୁଁଅଛ
କାରେ ନିରେଖି ;
ବିଜୟ ପତାକା ଚହଟି ଉଠୁଛି ତବ ଶ୍ରୀଚରଣେ
(ଆଜି) ଚାହିଁ କି । ପଦ ।

।୧।

ତୁଟିଛି ସପନ ଫିଟିଛି ନୟନ ,
ଫିଟି ନାହିଁ ଦେଶ ଦାସତ୍ୱ ବନ୍ଧନ ,
ଛାତିରକ୍ତ ଢାଳି
କରିଥିଲ ଯାହା ,
ଜୟ ଗଉରବ ସେତିକି ।

।୨।

ପଡ଼ିନାହିଁ ଶେଷ ଯଜ୍ଞର ଆହୁତି ,
ସନ୍ଧିଲାଗି ସିନା ଛନ୍ଦାବନ୍ଦା ଶାନ୍ତି
କଳିନାହିଁ ସତ ,
କଳି ହେଉନାହିଁ
ଦେଶ ଭବିଷ୍ୟତ ଗତିକି ।

।୩।

ଶେଷ ଧର୍ମଡାକ ଦେବା ଲାଗି ବାରେ ,
ସେନାପତି ଗଲେ ନୀଳ ସିନ୍ଧୁ ପାରେ
ସତ୍ୟ ଅହିଂସାର
ନୀତି ପ୍ରଚାରିବେ
ଟଳାଇ ଜଗତ ମତିକି ।

।୪।

ଘନ ଅନ୍ଧକାର ପୁରପଲ୍ଲୀ ବନ,
ପୁନେଇ ଜହ୍ନ ବା ସେ ଝଞ୍ଜା ପବନ ,
ଯାହା ଭାଗ୍ୟେ ଭେଟୁ
ତୋପ ବନ୍ଧୁକକୁ
ଛାତି ରଖିଅଛୁ ସଳଖି ।

।୫।

ତୁମ୍ଭରି ପଥରେ ଆମେ ତ ପଥିକ,
ଲୋଡୁ ନାହୁଁ ଛାର ପଦବୀ ପଦକ ;
ସ୍ୱାଧୀନ ଭାରତ
ଦେଖି ପ୍ରାଣଯାଉ
ଆଶୀଷ ଆମକୁ ଏତିକି ।

କବିତା ସଂକଳନ : " ମୋହନ ବେଣୁ " / ପ୍ରକାଶ ସମୟ : ୦୧ /୦୧ /୧୯୬୩

www.hirranmayi.com